Weekly Multilingual

ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

RNI Regd. No. :ODIMUL/2023/89182

Rs - 5.00

ଭାଗ:୨, ସଂଖ୍ୟା: ୨୪, ଭୁବନେଶ୍ୱର, ଏପ୍ରିଲ ୨୮- ମଇ ୪, ୨୦୨୫, Vol: 2, Issue: 23, Bhubaneswar, April 28- May 4, 2025 Pages- 8

# ଅଙ୍ଗନବାଡ଼ି ପାଇଁ ସ୍ନାତକ ଆଉ ବିଧାୟକଙ୍କ ପାଇଁ !!

**(ଭିଓଭି ବ୍ୟୁରୋ) :** ଓଡ଼ିଶା ଶିଶୁ ଓ ମହିଳା କଲ୍ୟାଣ ସେବା (ସଂଶୋଧନ) ନିୟମ, ୨୦୨୫ ପ୍ରସ୍ତାବକୁ ନିକଟରେ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଏହି ନିୟମ ଅନୁଯାୟୀ ଅଙ୍ଗନବାଡ଼ି ସୁପରଭାଇଜର୍ ମାନଙ୍କ ପାଇଁ ସ୍ନାତକ ଡିଗ୍ରୀ ଯୋଗ୍ୟତା ବାଧ୍ୟତା ମୂଳକ ବୋଲି କୁହାଯାଇଛି। ଯୋଗ୍ୟତା ସମ୍ପନ୍ନ ସୁପରଭାଇଜର୍ ରହିବା ଦ୍ୱାରା ଅଙ୍ଗନବାଡ଼ି କର୍ମୀଙ୍କ ସେବାର ମାନ ବୃଦ୍ଧି ହେବ। ଶିଶୁ ଓ ମହିଳାଙ୍କ କଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ ଯୋଜନା ଗୁଡ଼ିକର ସୁପରିଚାଳନା ହୋଇ ସଫଳତା ମିଳିବ ବୋଲି ସରକାର ପ୍ରକାଶ କରିଛନ୍ତି। କୌଣସି ଯୋଜନାର ସଫଳତା ସେହି କାମଟିକୁ କରୁଥିବା ଯୋଗ୍ୟତା ସମ୍ପନ୍ନ ଅଧିକାରୀ ବା କର୍ମଚାରୀଙ୍କ ସୁପରିଚାଳନା ଦ୍ୱାରା ସମ୍ଭବ। ସରକାରଙ୍କ ଏହି ପଦକ୍ଷେପକୁ ବୁଦ୍ଧିଜୀବୀମାନେ ସ୍ୱାଗତ କରିଛନ୍ତି।

ଆଇନ-କାନୁନ୍'କୁ ତର୍ଜମା କରି ସଫଳ ରୂପାୟନ କରିବାର ଦାୟିତ୍ୱ ଆମ ଲୋକ ପ୍ରତିନିଧିଙ୍କର। ବିଧାନସଭାକୁ ନିର୍ବାଚିତ ହୋଇଥିବା ଯୋଗ୍ୟତା ସମ୍ପନ୍ନ ବିଧାୟକମାନେ ହିଁ ଏହି ସବୁ କାମ ସଠିକ୍ ଢଙ୍ଗରେ ପରିଚାଳନା କରିପାରିବେ। ବିଧାୟକମାନଙ୍କ ନାମାଙ୍କନ ସତ୍ୟପାଠ ତଥ୍ୟ ଅନୁଯାୟୀ ଚଳିତ ଥର ୪୯ଜଣ ନିର୍ବାଚିତ ବିଧାୟକ ଅଣ୍ଡର୍ ଗ୍ରାଜୁଏଟ୍ ମାନଙ୍କ ମଧ୍ୟରୁ ୨୫ଜଣ ଦ୍ୱାଦଶ ପାଶ୍, ୧୮ଜଣ ଦଶମ, ଓ ୬ଜଣ ପଞ୍ଚମ ରୁ ଅଷ୍ଟମ ପର୍ଯ୍ୟନ୍ତ ପାଠ ପଢିଛନ୍ତି। ଏକଥା ନିଃସନ୍ଦେହ ଯେ ସ୍ନାତକ ଡିଗ୍ରୀ ନଥିଲେ କଣ ହେଲା, ସେମାନେ ସମସ୍ତେ ଯୋଗ୍ୟ। କାରଣ ଜନତା ଭରସା କରି, ସେମାନଙ୍କୁ ସମର୍ଥନ କରି, ନିଜ ଜନ ପ୍ରତିନିଧି ଭାବେ ନିର୍ବାଚିତ କରାଇଛନ୍ତି। ଅତୀତରେ ସରପଞ୍ଚଙ୍କ ଯୋଗ୍ୟତାକୁ ନେଇ ଅନେକ ଆଲୋଚନା ହେଇଛି ଓ ଏହା ଉପରେ ଏବେ ମଧ୍ୟ ତର୍କ ବିତର୍କ ଚାଲିଛି। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଜଣେ ପଞ୍ଚାୟତର ମୁଖିଆ ଯଦି ଚିଠିଟିଏ ପଢ଼ି ପାରିବ ନାହିଁ କି ବୁଝି ପାରିବ ନାହିଁ ତେବେ ସରକାରୀ ଯୋଜନା କିଭଳି ଭାବରେ ତଳ ସ୍ତରରେ



- ଯୋଗ୍ୟ ବଡ ନା ଯୋଗ୍ୟତା
- ୪୯ବିଧାୟକ ଅଣ୍ଡର୍ ଗ୍ରାଜୁଏଟ୍
- ୨୫ବିଧାୟକ ଦ୍ୱାଦଶ ପାସ୍
- ୧୮ବିଧାୟକ ଦଶମ ପାସ୍
- ୬ବିଧାୟକ ପଞ୍ଚମ ରୁ ଅଷ୍ଟମ ପାସ୍

ପହଞ୍ଚିବ ଓ ପଞ୍ଚାୟତର ଉନ୍ନତି ହେବ। ଏକ ରିପୋର୍ଟ ଅନୁଯାୟୀ ଅନୁନ୍ନତ ରାୟଗଡ଼ା ଜିଲ୍ଲାରେ ୧୦୦ରୁ ଉର୍ଦ୍ଧ ସରପଞ୍ଚ ଅଣ୍ଡର୍ ମାଟ୍ରିକ୍। ନିଜର କ୍ଷମତା ସମ୍ପର୍କରେ ଅନେକ ସରପଞ୍ଚ ଅଜ୍ଞ। ଯୋଜନା ସମ୍ପର୍କରେ ସରପଞ୍ଚ ନିଜେ ଜାଣିଲେ ସିନା ତାର ଲାଭାର୍ଥି କେଉଁମାନେ ହୋଇ ପାରିବେ ଓ ସେଥିପାଇଁ ତାଙ୍କୁ ସୁପାରିସ କେମିତି କରିବାକୁ ପଡ଼ିବ, ତାହା ସେ କରି ପାରିବେ। ଯାହାର ଏକ ବଡ ଉଦାହରଣ ହେଲା ସେହି ଜିଲ୍ଲାରେ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ନିମନ୍ତେ ୬୦୦୦ଆବେଦନ ମଧ୍ୟରୁ ସରପଞ୍ଚ ମାନଙ୍କ ଡିଜିଟାଲ୍ ଜ୍ଞାନର ଅଭାବ କାରଣରୁ ୩୫୦୦ଟି ଆବେଦନକୁ ସରପଞ୍ଚ ମାନେ ସୁପାରିଶ କରି ପାରି ନାହାଁନ୍ତି। ସରପଞ୍ଚ ମାନଙ୍କଠାରୁ ଆହୁରି ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଜଣେ ବିଧାୟକଙ୍କର। ଆମର ଦୁଇଜଣ ଟାଣୁଆ ମନ୍ତ୍ରୀ ମଧ୍ୟ ନିଜର ସତ୍ୟପାଠ ତଥ୍ୟ ଅନୁସାରେ ଦ୍ୱାଦଶ ଶ୍ରେଣୀ ପାସ କରିଥିବା ବେଳେ ଲଜ୍ଜା ଲାଗିବା କାରଣରୁ ବିଧାନସଭାକୁ ସ୍ନାତକ ପାସ କରିଛନ୍ତି ବୋଲି ଭ୍ରମିତ ତଥ୍ୟ ଦେଇଛନ୍ତି ଓ ଦୁହେଁ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ଭାଳୁଛନ୍ତି। ଏଠାରେ ପୁଣି ପ୍ରଶ୍ନ ଉଠୁଛି ଯୋଗ୍ୟ ହେବା ବଡ ନା ଯୋଗ୍ୟତା ବଡ। ଅନେକ ଯୋଗ୍ୟତା ସମ୍ପନ୍ନ ବ୍ୟକ୍ତି ଅଯୋଗ୍ୟ ଭଳି କାମ କରିବା ଓ ଅନେକ କମ୍ ଯୋଗ୍ୟତା ଥିବା ବ୍ୟକ୍ତି ବହୁତ ଭଲ କାମ କରିବାର ପ୍ରମାଣ ଆମ ନଜରରେ ରହିଛି। ତେବେ ପ୍ରଶ୍ନ ଉଠୁଛି ଆମ ବିଧାୟକମାନେ କାହିଁକି ନିଜ ଯୋଗ୍ୟତା ଉପରେ ଗୁରୁତ୍ୱ ଦେଉନାହାନ୍ତି ? ଗ୍ରାଜୁଏଟ୍ ହେବା ପାଇଁ ଅନେକ ସୁବିଧା ସରକାର କରିଛନ୍ତି। ଉଚ୍ଚ ଶିକ୍ଷା ଗ୍ରହଣ କରିବା ପାଇଁ ପତ୍ର ମାଧ୍ୟମ ଶିକ୍ଷା ଠାରୁ ଆରମ୍ଭ କରି ଓପନ୍ ସ୍କୁଲ୍ ଓ ୟୁନିଭର୍ସିଟି ବ୍ୟବସ୍ଥା କରାଗଲାଣି। ବୟସର ମଧ୍ୟ କୌଣସି ପ୍ରତିବନ୍ଧକ ନାହିଁ। ଅସୁବିଧା କେବଳ ସେମାନଙ୍କ ନିଜ ମାନସିକତାରେ। ଏବେ ବିଧାନସଭାରେ କୌଣସି ଗଠନ ମୂଳକ ଆଲୋଚନା ଦେଖିବାକୁ ମିଳୁନି। କାରଣ ବିରୋଧୀ ଦଳ ସଦସ୍ୟମାନେ ଭାବି ଦେଉଛନ୍ତି ଯେ ଆମର କେବଳ ସବୁ କଥାରେ ସରକାରଙ୍କୁ ବିରୋଧ କରିବା ହେଉଛି ମୁଖ୍ୟ କାର୍ଯ୍ୟ, ତେଣିକି ତାହା ଭଲ ହେଉ କି ମନ୍ଦ କାମ। ଗତ ବିଧାନସଭା ଅଧିବେଶନରେ ଲଜ୍ଜାଜନକ ପରିସ୍ଥିତି ରାଜ୍ୟବାସୀ ଦେଖିଲେ। ନିର୍ବାଚିତ ଜନ ପ୍ରତିନିଧିମାନେ କିପରି ପବିତ୍ର ଗୃହ ଭିତରେ ଅଶାଳୀନ ମନ୍ତବ୍ୟ, ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ, ଠେଲାପେଲା, ଝାଞ୍ଜ, ଗିନି, ଘଣ୍ଟ ବଜାଇବା, ତୁଳସୀ ଓ ଗଙ୍ଗା ଜଳ ସିଞ୍ଚନ କରି ନାଟ ତାମସା ପରିସ୍ଥିତି ସୃଷ୍ଟି କରିଥିଲେ। ଗଠନ ମୂଳକ କାମରେ ବିରୋଧ, କିନ୍ତୁ ନିଜ ଦରମା ବୃଦ୍ଧି ପ୍ରସଙ୍ଗ ବେଳକୁ ସମସ୍ତେ ଏକାଠି ଓ ସୁନାପିଲା। କଥାରେ ଅଛି ମଇଁଷି ଶିଙ୍ଘ ଫଟା ଯୁଝିଲା ବେଳକୁ ଗୋଟା ଏହି ପୁରୁଣା ଢଗଟି ବର୍ତ୍ତମାନ ଆମ ନିର୍ବାଚିତ ଜନ ପ୍ରତିନିଧିମାନଙ୍କ ପାଇଁ ପ୍ରଯୁଜ୍ୟ। ଗଣତାନ୍ତ୍ରିକ ରାଷ୍ଟ୍ରରେ ବିଧାୟକ ହେବା ପାଇଁ କୌଣସି ଯୋଗ୍ୟତା ନିର୍ଧାରଣ କରାଯାଇ ନଥିବା ବେଳେ ଆମ ଜନ ପ୍ରତିନିଧିମାନେ ନିଜେ ସଚେତନ ହୋଇ ନିଜର ଯୋଗ୍ୟତା ବୃଦ୍ଧି କରିବା ଉଚିତ୍ ବୋଲି ଅନେକ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ସାଧାରଣ ଭୋଟରମାନେ ମଧ୍ୟ ଯୋଗ୍ୟତା ସମ୍ପନ୍ନ ବ୍ୟକ୍ତିଙ୍କୁ ନେତା ଭାବେ ନିର୍ବାଚିତ କରିବା ଉପରେ ପ୍ରାଧାନ୍ୟ ଦେବା ଉଚିତ୍। ଅନ୍ୟଥା ଆମ ଅର୍ଦ୍ଧ ଶିକ୍ଷିତ ରାଜନେତାମାନେ ପ୍ରାଶାସନିକ ଅଧିକାରୀମାନଙ୍କ ଉପରେ ଅତ୍ୟଧିକ ନିର୍ଭରଶୀଳ ହୋଇ ଶାସନ ଭାର ସବୁ ସେମାନଙ୍କ ହାତରେ ସମ୍ପୂର୍ଣ୍ଣ ଭାବରେ ଟେକିଦେବେ।



# ପରଜୀବୀ

ବେଳେବେଳେ ମୃତଶରୀରରେ ଅନ୍ୟ କାହାର ଆତ୍ମାକୁ ପୁନଃ ପ୍ରବେଶ କରାଇ ତାକୁ କ୍ରିୟାଶୀଳ କରାଇବାର ଚମକପ୍ରଦ କାହାଣୀ ଶୁଣି, ଆମେ ରୋମାଞ୍ଚିତ ହେଉ । ଭୂତପ୍ରେତ ଓ ଡାଆଣୀ, ଅନ୍ୟ ଶରୀରକୁ କବଳିତ କରି ସେମାନଙ୍କ ନିଜସ୍ୱ କ୍ରିୟା-କଳାପ ପ୍ରଦର୍ଶନ କରିବା ଚମକପ୍ରଦ ଦୃଶ୍ୟ ଆମ ନଜରରେ ମଧ୍ୟ ପଡିଥାଏ ।





ପାଗଳ କୁକୁର କାମୁଡା ଜଳାତଙ୍କ ରୋଗୀ ଅବିକଳ କୁକୁର ଭଳି ଭୁକେ । ଆଜି ଜୀବଜଗତ ସ୍ତମ୍ଭରେ ଆସନ୍ତୁ ଜାଣିବା ଏକ ପରଜୀବୀ ଜୀବାଣୁ ଲିକୋକ୍ଲୋରଡିଅମ (lieucoclorodium) ବିଷୟରେ, ଯିଏ କି ନିଜର ଜୀବନ-ଚକ୍ର ପୂରା କରିବାକୁ ଯାଇ, ଏକ ଗେଣ୍ଡାର ଶରୀରକୁ ମାଧ୍ୟମ କରେ । ପୁନଶ୍ଚ ଏକ ପକ୍ଷୀ ଶରୀରରେ ପ୍ରବେଶ କରି ନିଜର ଜୀବନଚକ୍ର ପୂର୍ଣ୍ଣ କରିଥାଏ । ଆସନ୍ତୁ ପୂର୍ଣ୍ଣାଙ୍ଗ ଆଲୋଚନାକୁ।

ଗେଣ୍ଡା ସଚରାଚର ଦୃଶ୍ୟମାନ ହୁଅନ୍ତି । ମୋଲୁସ୍କା ପରିବାରର ଅନ୍ୟତମ ସଦସ୍ୟ ଗେଣ୍ଡାର ୪୩୦୦୦ ପ୍ରଜାତି ଦେଖିବାକୁ ମିଳେ । ଏମାନେ ନଦୀ, ପୁଷ୍କରିଣୀ, ସମୁଦ୍ର ଏପରିକି ସ୍ଥଳଭାଗରେ ମଧ୍ୟ ବିଚରଣ କରନ୍ତି । ପ୍ରଜାତିଭେଦରେ ଏମାନଙ୍କ ଶାରୀରିକ ଗଠନ,ଜୀବନକାଳ ଭିନ୍ନ ଭିନ୍ନ ହୋଇଥାଏ । ଏକ ଶକ୍ତ ଆବରଣ ଭିତରେ ଏମାନେ ନିଜକୁ ସୁରକ୍ଷିତ ରଖନ୍ତି । ସର୍ବଭକ୍ଷୀ ଜୀବ ଗେଣ୍ଡା ଓଜନ ୫ ଗ୍ରାମରୁ ଆରମ୍ଭ ହୋଇ ୧ କିଲୋଗ୍ରାମ ପର୍ଯ୍ୟନ୍ତ ହୋଇଥାଏ । ଗେଣ୍ଡାର ଜୀବନକାଳ ସାଧାରଣତଃ ୨ ରୁ ୫ ବର୍ଷ । ଏହାର ବୈଜ୍ଞାନିକ ନାମ Gastropada ।

ଧୀର ଗତିରେ ଏମାନେ ଏକ ନିର୍ଦ୍ଦିଷ୍ଟ ପଥରେ ଗଲାବେଳେ ସମ୍ମୁଖରେ ପଡୁ ଥିବା ବିଭିନ୍ନ ପୋକଯୋକ, ଉଦ୍ଭିଦ, ଆବର୍ଜନା ଆଦି ଖାଇଥାନ୍ତି । ଶରୀରରୁ ଏକ ଅଠାଳିଆ ପଦାର୍ଥ ନିର୍ଗତ କରି ଏମାନେ ଆଗକୁ ବଢ଼ନ୍ତି । ମୁଖର ସମ୍ମୁଖ ଭାଗରେ ଦୁଇଟି ଆଣ୍ଟେନା ଥାଏ । ଅପେକ୍ଷାକୃତ ବଡ଼ ଆଣ୍ଟେନାଟିରେ ଆଖି ଥିଲେ ବି ଗେଣ୍ଡା ଦେଖି ପାରି ନଥାଏ। ଗେଣ୍ଡାର ୧୪୦୦୦ ରୁ ୨୦୦୦୦ ପର୍ଯ୍ୟନ୍ତ ଦାନ୍ତ ଥାଏ । ଏହା ଖାଦ୍ୟ ଓ ଶତ୍ରୁର ଉପସ୍ଥିତି ବାରିବା ପାଇଁ ଏହାର ଆଣ୍ଟେନାକୁ ଉପଯୋଗ କରିଥାଏ । ସମ୍ଭାବ୍ୟ ବିପଦ ଦେଖା ଦେଲେ, ଏହା ନିଜର ଶଙ୍ଖାକୃତି ଶକ୍ତ ଆବରଣ ଭିତରେ ନିଜକୁ ସୁରକ୍ଷିତ ରଖି

## ଜୀବଜଗତ

ନିଏ। ଏହାର ମୁଖ୍ୟ ଶତ୍ରୁମାନେ ହେଲେ ମଣିଷ ,ସାପ, ବେଙ୍ଗ ଓ ପକ୍ଷୀ । ତେବେ ବଗିଚା- ଗେଣ୍ଡା ପାଇଁ ଲିକୋକ୍ଲୋରଡିଅମ ନାମକ ଏକ ପରଜୀବୀ ଜୀବାଣୁ ପ୍ରାଣଘାତୀ ସାବ୍ୟସ୍ତ ହୋଇଥାଏ ।

ଶସ୍ୟକ୍ଷେତ୍ର ଓ ବାଡ଼ି ବଗିଚାରେ ବିଚରଣ କରୁଥିବା ଗେଣ୍ଡାମାନେ ପ୍ରାୟତଃ ରାତ୍ରିବେଳା ସକ୍ରିୟ ଥାଆନ୍ତି । ଦିନବେଳା ସେମାନେ ସୂର୍ଯ୍ୟାଲୋକକୁ ସହ୍ୟ କରି ନପାରି ନିଷ୍କ୍ରିୟ ଅବସ୍ଥାରେ ପଡି ରହନ୍ତି । ଏମାନେ ଯଦି କୌଣସି ପରଜୀବୀ ବାହାକ ପକ୍ଷୀର ମଳ ଭକ୍ଷଣ କରନ୍ତି ତେବେ ମଳରେ ଥିବା ଜୀବାଣୁର ଅଣ୍ଡା ,ଗେଣ୍ଡାର ଶରୀରକୁ ଯାଏ ଓ ତୁରନ୍ତ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଇବା ଆରମ୍ଭ କରେ । ଅଣ୍ଡାରୁ ଲାର୍ଭା ସୃଷ୍ଟି ହୋଇ ପ୍ରଥମେ ଗେଣ୍ଡାର ଚକ୍ଷୁ ପଟଳକୁ ସଂକ୍ରମିତ କରେ। କ୍ରମଶଃ ଗେଣ୍ଡାର ଶରୀର ଓ ମସ୍ତିଷ୍କ ପରଜୀବୀ କବଜାକୁ ଆସିଯାଏ । ଏକ ଜୀବନ୍ତ ଶବ ଭାବେ ଗେଣ୍ଡାର ଶରୀରକୁ ପରଜୀବୀ ନିୟନ୍ତ୍ରଣ କରେ ।

ଗେଣ୍ଡାର ଶରୀରରେ ମଧ୍ୟ ଅଭୂତପୂର୍ବ ପରିବର୍ତ୍ତନ ଦେଖାଯାଏ । ତାର ଆଣ୍ଟେନା ଦୁଇଟି ନଷ୍ଟ ହୋଇ ଗୋଟିଏ, ବା ଦୁଇଟି ରଙ୍ଗ ବେରଙ୍ଗର ସଁବାଳୁଆ ସୃଷ୍ଟି ହୁଏ ଓ ସେମାନେ ସଂକୁଚିତ ପ୍ରସାରିତ ହୋଇ ଗେଣ୍ଡାକୁ ମନ ମୁତାବକ ଗତିଶୀଳ କରାନ୍ତି। ଏବେ ଗେଣ୍ଡା ଜୀବିତ ଥାଇ ମଧ୍ୟ ସଂପୂର୍ଣ୍ଣ ରୂପେ ପରଜୀବୀ କବ୍ଜାରେ ଥାଏ । ଏହାକୁ ଇଂରାଜୀରେ jombie Snail କୁହାଯାଏ। ତାର ମସ୍ତିଷ୍କ ନିୟନ୍ତ୍ରଣ ମଧ୍ୟ ପରଜୀବୀ କରିଥାଏ । ସୂର୍ଯ୍ୟାଲୋକକୁ ବାହାରିବା ପାଇଁ ପରଜୀବୀ ଗେଣ୍ଡାକୁ ନିର୍ଦ୍ଦେଶ ଦିଏ । ଏପରିକି ଗଛ ଉପରକୁ ଚଢିବାକୁ ମଧ୍ୟ ପ୍ରବର୍ତ୍ତାଏ । ଏପରି କରିବା ପଛରେ ପରଜୀବୀ ଚାହେଁ ଯେ, ସଂକ୍ରମିତ ଗେଣ୍ଡାଟି ଯେମିତି ହେଲେ ପକ୍ଷୀର ନଜରକୁ ଆସୁ ଓ ତାର ଆହାର ହେଉ ।

ଶେଷରେ ପରଜୀବୀର ଉଦ୍ଦେଶ୍ୟ ସଫଳ ହୁଏ। ପ୍ରଖର ସୂର୍ଯ୍ୟାଲୋକରେ ଗେଣ୍ଡାକୁ ଗଛର



କାର୍ତ୍ତିକ ଚନ୍ଦ୍ର ପଣ୍ଡା

ଶୀର୍ଷ ଭାଗକୁ ନେଇ ଯାଇ, ନିଜର ରଙ୍ଗ ବେରଙ୍ଗର ଶୁଣ୍ଢ ମାଧ୍ୟମରେ ପରଜୀବୀ ,ପକ୍ଷୀକୁ ଆକର୍ଷିତ କରାଏ । ପକ୍ଷୀ ସଂକ୍ରମିତ ଗେଣ୍ଡାକୁ ଖାଇ ମଳ ତ୍ୟାଗ କରେ । ସେଥିରେ ହଜାର ହଜାର ସଂଙ୍ଖ୍ୟାର ପରଜୀବୀ ଅଣ୍ଡାଥାଏ । ତାକୁ ଖାଇ ସୁସ୍ଥ ଗେଣ୍ଡାମାନେ ସଂକ୍ରମିତ ହୁଅନ୍ତି ଓ ସମଦଶା ଭୋଗନ୍ତି । ଏହିପରି ଭାବେ ଲିକୋକ୍ଲୋରଡିଅମ ପରଜୀବୀର ଜୀବନଚକ୍ର ସମାପ୍ତ ହୋଇଥାଏ ।

ଏହି ଚମକପ୍ରଦ ତଥ୍ୟ ପୋଲାଣ୍ଡର ଜନୈକ ପ୍ରସିଦ୍ଧ ଜୀବବିଜ୍ଞାନୀ ୨୦୧୩ ମସିହାରେ ଲୋକଲୋଚନକୁ ଆଣିଥିଲେ । ତେବେ ପରଜୀବୀ ଦ୍ୱାରା ଆକ୍ରାନ୍ତ ଗେଣ୍ଡାକୁ ଖାଇବା ଦ୍ୱାରା ପକ୍ଷୀଟି ସଂକ୍ରମିତ ହୋଇ ନଥାଏ । ସବୁଠାରୁ ଆଶ୍ଚର୍ଯ୍ୟ କଥା, ଅଣ-ସଂକ୍ରମିତ ଗେଣ୍ଡାମାନଙ୍କୁ ପକ୍ଷୀ ଗିଳିଦେଲେ ବି କେତେକ ହଜମ ନହୋଇ ଜୀବିତ ଥାଆନ୍ତି ଓ ମଳଦ୍ୱାରା ନିଷ୍କାସିତ ହୋଇ, ପୁଣି ସ୍ୱାଭାବିକ ଜୀବନ ଯାପନ କରନ୍ତି ।

ଭୁବନେଶ୍ୱର
ମୋବାଇଲ୍ - ୭୯୭୮୪୨୦୪୯୩

# ଉପକାରୀ ଅଙ୍ଗୁର



ଆଜିକାଲି ଆଣ୍ଠୁଗଣ୍ଠି ସମସ୍ୟା ଏକ ସାଧାରଣ କଥା ପାଲଟି ଗଲାଣି କହିଲେ ଭୁଲ ହେବ ନାହିଁ। ବିଶେଷ ଭାବରେ ବୟସ ବଢ଼ିଲେ ଏହି ସମସ୍ୟା ଦେଖାଦେଇଥାଏ। ହେଲେ ଏବେ ଅସନ୍ତୁଳିତ ଜୀବନଶୈଳୀ ପାଇଁ ଯୁବପିଢ଼ି ମଧ୍ୟ ଏହାର ସମ୍ମୁଖୀନ ହେଉଛନ୍ତି। ନିୟମିତ ଅଙ୍ଗୁର ଖାଇଲେ ଏଥିରୁ କେତେକାଂଶରେ ଉପଶମ ମିଳିଥାଏ ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି। ଏଭଳି ବିଷୟ ଉପରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ନିୟମିତ କିଛି ଅଙ୍ଗୁର ଖାଇବାକୁ ପରାମର୍ଶ ଦିଆଯାଇଥିଲା। ଏହାସହ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ସେମାନଙ୍କର ଆଣ୍ଠୁଗଣ୍ଠି ସମସ୍ୟାର କ'ଣ ଉନ୍ନତି ଘଟୁଛି ତାହାକୁ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତି ଏହାଦ୍ୱାରା ଆଣ୍ଠୁଗଣ୍ଠି ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରୁଥିଲେ ବୋଲି ରିପୋର୍ଟରେ ଦର୍ଶାଯାଇଛି। କେବଳ ସେତିକି ନୁହେଁ, ଅଙ୍ଗୁରରେ ଭିଟାମିନ୍-ସି ଭରି ରହିଛି।

ଆପଣଙ୍କ ଅଭିଯୋଗ, ସମସ୍ୟା ମତାମତ କୁ ପ୍ରମାଣ ସହ ପଠାନ୍ତୁ । ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ (ଆଲେଖ୍ୟ)ବି ପଠାଇ ପାରିବେ ।

ମୋବାଇଲ (ହ୍ୱାଟସ୍ଆପ୍) ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ : କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ଗୋଲାପ ଜଳର ଉପକାରିତା

ଘର ଅଗଣାରେ ହେଉ ଅବା ଫୁଲଦାନିରେ ଶୋଭା ପାଉଥିବା ଗୋଲାପ ଘରର ସୌନ୍ଦର୍ଯ୍ୟକୁ ଯେପରି ବୃଦ୍ଧି କରାଏ ଗୋଲାପ ଜଳ ସେହିପରି ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରାଏ । ଏପରିକି ଏହି ଗୋଲାପ ଫୁଲରୁ ରୋଜ ଅଏଲ୍ ପ୍ରସ୍ତୁତ କରାଯାଇ ପରଫ୍ୟୁମ୍‌ରେ ବ୍ୟବହାର କରାଯାଏ । ଗୋଲାପ ଫୁଲରୁ ମଧ୍ୟ ଖାଦ୍ୟ ପ୍ରସ୍ତୁତ ପାଇଁ ଆବଶ୍ୟକ ସାମଗ୍ରୀ ରୂପେ ବ୍ୟବହାର କରାଯାଏ । ଗୋଲାପ ଜଳ ମୁହଁ, କେଶ ଓ ଶରୀର ପାଇଁ ଏକ ବରଦାନ ସଦୃଶ ।





♦କେବଳ ଚର୍ମ ପାଇଁ ନୁହେଁ କେଶରେ ମଧ୍ୟ ଗୋଲାପ ଜଳ ବ୍ୟବହାର କରିପାରିବେ । ଗୋଲାପ ଜଳରେ ମଶ୍ଚରାଇଜିଂ ଓ କଣ୍ଡିସନିଂ କରିବାର ପ୍ରାକୃତିକ ଉପାଦନ ରହିଛି । ସେଥିପାଇଁ ଏହାକୁ ବ୍ୟବହାର କରି କେଶକୁ ମଶ୍ଚରାଇଜିଂ ଓ କଣ୍ଡିସନିଂ କରିପାରିବେ ।

♦କେଶ ଧୋଇବା ସମୟରେ ସାମ୍ପୁରେ ୨-୪ ବୁନ୍ଦା ଗୋଲାପ ଜଳ ମିଶାଇ ମୁଣ୍ଡ ଧୁଅନ୍ତୁ। ଏହାଦ୍ୱାରା କେଶ ନରମ ହେବା ସହ ଗୋଲାପ ଫୁଲର ସୁବାସ ଅଧିକ ସମୟ ଧାରି ରହିବ ।

♦ କେଶକୁ ଶୀଘ୍ର ଶୀଘ୍ର ବଢ଼ାଇବା ପାଇଁ ଚାହୁଥାନ୍ତି ତେବେ ମୁଣ୍ଡ ଧୋଇ ସାରିବା ପରେ ଅଧା କପ୍ ଗୋଲାପ ଜଳକୁ ମୁଣ୍ଡରେ ମାଲିସ୍ କରନ୍ତୁ ।

♦ସତେଜତା ଅନୁଭବ କରିବା ପାଇଁ ଏବଂ ଏକ ସୁନ୍ଦର ସୁଗନ୍ଧ ପାଇବା ପାଇଁ ଗାଧୋଇବା ପାଣିରେ ୫-୬ ବୁନ୍ଦା ଗୋଲାପ ଜଳ ମିଶାନ୍ତୁ । ଏହାଦ୍ୱାରା ଆପଣଙ୍କୁ ଆରାମ ଲାଗିବ ଓ ତ୍ୱଚାରେ ମଧ୍ୟ ଚମକ ଆସିବ ।

♦ତ୍ୱଚା କୁଣ୍ଡାଇ ହେଉଥିଲେ ବା ଲାଲ୍ ଲାଲ୍ ଫଳି ଯାଉଥିଲେ ଗୋଲାପ ଜଳ ଲଗାଇଲେ କିଛି ସମୟ ପାଇଁ ଉପଶମ ମିଳିଥାଏ । ମୁହଁରେ ବ୍ରଣ ହେଉଥିଲେ ଗୋଲାପ ଜଳରେ ମୁହଁ ପୋଛନ୍ତି ।

♦ ଗୋଲାପ ଫୁଲରୁ ପ୍ରସ୍ତୁତ ରୋଜ୍ ଅଏଲ୍‌କୁ କେଶରେ ଲଗାଇବା ଦ୍ୱାରା କେଶ ମଧ୍ୟ ସୁସ୍ଥ ରହେ ।

♦ ଆଖିକୁ ଆରାମ ଓ ଥଣ୍ଡା ଲାଗିବା ପାଇଁ ଗୋଲାପ ଜଳରେ ତୁଳାକୁ ଭିଜାନ୍ତୁ । ଏହାକୁ ଆଖି ଉପରେ ରଖନ୍ତୁ ।

♦ଆଖି ଲାଲ୍ ପଡ଼ିଥିଲେ, କୁଣ୍ଡାଇ ହେଉଥିଲେ, ଧୂଳି ବା କୀଟପତଙ୍ଗ ପଡ଼ିଥିଲେ ଦୁଇ ବୁନ୍ଦା ଗୋଲାପ ଜଳ ଆଖିରେ ପକାନ୍ତୁ । କିଛି ସମୟ ଆଖି ବନ୍ଦ କରି ରଖନ୍ତୁ । ଦେଖିବେ ଆପଣଙ୍କୁ ଆରାମ ଲାଗିବ । ଏପରି କରିବା ଦ୍ୱାରା ଆଖି ମଧ୍ୟ ସଂକ୍ରମିତ ହେବନାହିଁ ।

♦ଆଖି ତଳ କଳା ପଡ଼ିଥିଲେ ବା ଡାର୍କ ସର୍କଲ୍ ହୋଇଥିଲେ ଗୋଲାପ ଜଳ ଲଗାନ୍ତୁ ।

♦ ଆଖି ଥକ୍କା ଲାଗୁଥିଲେ ଚନ୍ଦନ ପାଉଡରରେ ଗୋଲାପ ଜଳ ମିଶାଇ ଆଖିପତାରେ ଲଗାନ୍ତୁ । ଲଗାଇବାର ୧୫ ମିନିଟ୍ ପରେ ଧୋଇ ଦିଅନ୍ତୁ ।

# ୩୧୪ ବ୍ଲକସ୍ତରୀୟ ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ୱଚ୍ଛ ଶକ୍ତିକୁ ଗୁରୁତ୍ୱ : ମୁଖ୍ୟମନ୍ତ୍ରୀ



ପୁରୀ (ଭିଓଭି): ପୁରୀ ତାଳବଣିଆରେ ଜାତୀୟ ପଞ୍ଚାୟତିରାଜ ରାଜ ଦିବସ ରାଜ୍ୟସ୍ତରୀୟ ସମାରୋହରେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାସନ୍ କାର୍ଡ ଓ ସୁଭଦ୍ରା ଟଙ୍କା ବାଣ୍ଟିଛନ୍ତି। ଏଥିସହ ପ୍ରତି ବ୍ଲକରେ ମିନି ଷ୍ଟାଡିୟମ ନିର୍ମାଣ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଲକ୍ଷପତି ଦିଦି ବନେଇବାରେ ଓଡ଼ିଶା ଦେଶରେ ପ୍ରଥମ ବୋଲି ସେ କହିଥିଲେ। ଏଥିସହ ଆଜି ଠାରୁ ପଞ୍ଚାୟତ ମନିଟରିଂ ବ୍ୟବସ୍ଥା ଶୁଭାରମ୍ଭ ହୋଇଛି। ପହେଲଗାମରେ ଆତଙ୍କୀଙ୍କ ଆକ୍ରମଣରେ ନିହତଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ନୀରବ ପ୍ରାର୍ଥନାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଶାସ୍ତ୍ର ଓ ଶସ୍ତ୍ର ଧରି ଆତଙ୍କୀଙ୍କ ଆକ୍ରମଣର ଜବାବ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ନିଜ ଭାଷଣରେ କହିଥିଲେ।ଗାଁ ହସିଲେ ଦେଶ ହସିବ। ଗ୍ରାମପଞ୍ଚାୟତ ବିକାଶର ରୋଡ ମ୍ୟାପ ପ୍ରସ୍ତୁତ ହୋଇଛି।ପଞ୍ଚାୟତରେ ୫୦ ପ୍ରତିଶତ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣରେ ମହିଳାଙ୍କ ଅଧିକାରକୁ ପ୍ରାଧାନ୍ୟ ଦିଆଯାଇଛି।୧୯୯୭ ରେ ମୋତେ ସରପଞ୍ଚ ହେବାର ସୁଯୋଗ ମିଳିଥିଲା। ଲୋକଙ୍କ ନିରନ୍ତର ସେବା ପାଇଁ ରାଜନୀତି ପାଠ ସରପଞ୍ଚରୁ ଅଧ୍ୟୟନ କରିଥିଲି । ୨୦୨୬ ସୁଦ୍ଧା ଗାଁର ସବୁ ଘରକୁ ପାଣି , ରାସ୍ତା ଯୋଗା ଯିବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୭ଲକ୍ଷ ଲୋକେ ଘର ପାଇଛନ୍ତି। ଆଉ ୨୬ଲକ୍ଷ ଲୋକ ଘର ପାଇବେ । ୭୫୫୦ କୋଟି ବ୍ୟୟରେ ଅନ୍ତୋଦୟ ଗୃହ ଯୋଜନାରେ ଅତି ଗରିବ ଲୋକେ ଗୃହ ପାଇବେ। ୬ଲକ୍ଷ ଲୋକଙ୍କୁ ରାସନ୍ କାର୍ଡ ଦେବାର ବ୍ୟବସ୍ଥା ହୋଇଛି। ୪୧୨୪କୋଟି ଟଙ୍କା ବ୍ୟୟରେ ପ୍ରତି ବ୍ଲକ ରେ ମିନି ଷ୍ଟାଡିୟମ ହେବ। ୧୩ବର୍ଷ ପରେ ପ୍ରଥମ ଥର ପାଇଁ ଜାତୀୟ ପଞ୍ଚାୟତରାଜ ଦିବସ ଦିନ ହିଁ ପାଳନ ହୋଇଛି ଓଡ଼ିଶାର ରାଜ୍ୟସ୍ତରୀୟ ପଞ୍ଚାୟତରାଜ ଦିବସ ସମାରୋହ। ୨୦୨୫ର ରାଜ୍ୟସ୍ତରୀୟ ସମାରୋହ ।ଗାଆଁ ରେ ରହିଛି ବିକାଶର ଆତ୍ମା । ତେଣୁ ବିକଶିତ ଗାଆଁ, ବିକଶିତ ଓଡ଼ିଶା ର ସ୍ୱତନ୍ତ୍ର ଯୋଜନା ହାତକୁ ନେଇଛନ୍ତି ରାଜ୍ୟ ସରକାର । ଏହି ଅବସରରେ ଇ ପଞ୍ଚାୟତ (ପଞ୍ଚାୟତ ସମିତି) ସଭା ପୋର୍ଟାଲ ଉନ୍ମୋଚନ, ୬ ଲକ୍ଷ ହିତାଧିକାରୀ ଙ୍କୁ ନୂତନ ରାସନ୍ କାର୍ଡ ପ୍ରଦାନ, ପିପି ଏମ ଏସ ପୋର୍ଟାଲ ଉନ୍ମୋଚନ,୬୧୩ ଗୋଟି ଗ୍ରାମ ପଞ୍ଚାୟତ ପାଇଁ ,୩୨ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ବଣ୍ଟନ କରାଯାଇଛି। ସେଇଭଳି ୨ଲକ୍ଷ ରୁ ଉର୍ଦ୍ଧ୍ୱ ନୂତନ ସୁଭଦ୍ରା ହିତାଧିକାରୀଙ୍କୁ ୨ଶହ କୋଟି ପ୍ରଦାନ, ପଞ୍ଚାୟତ ମନିଟରିଂ ସିଷ୍ଟମ ଅନ୍ତର୍ଗତ ମୋବାଇଲ୍ ଓ ପୋର୍ଟାଲ ଆପ ଉନ୍ମୋଚନ, ୪୧୨୪ କୋଟି ଟଙ୍କା ମୂଲ୍ୟର ୩୧୪ ଟି ବ୍ଲକ ସ୍ତରୀୟ ଷ୍ଟାଡିୟମ୍ ର ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ୩ କିଲୋ ୱାଟ ପର୍ଯ୍ୟନ୍ତ ସୋଲାର ପ୍ୟାନେଲ ପାଇଁ ୧ ଲକ୍ଷ ୩୮ ହଜାର ଟଙ୍କା ପର୍ଯ୍ୟନ୍ତ ସବ୍ସିଡି ପ୍ରଦାନ କରାଯାଇଛି । ଗତ ସରକାରଙ୍କ କାଳକ୍ଷେପଣ ନୀତି ଯୋଗୁଁ ଆଦିବାସୀ ଭାଇଭଉଣୀମାନଙ୍କ ଜୀବନଜୀବିକା ସହିତ ଜଡ଼ିତ ପେସା ଆଇନ୍ କାର୍ଯ୍ୟକାରୀ ହୋଇପାରି ନଥିଲା।ନୂଆ ସରକାରରେ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏହାକୁ ଲାଗୁ କରିବାକୁ ଉଦ୍ୟମ ଆରମ୍ଭ କରାଯାଇଛି। ସେହି ଅନୁସାରେ ରାଜ୍ୟର ୧୩ ଜିଲ୍ଲାର ୧୧୯ ବ୍ଲକ୍ ?ର ୨୦୬୮ ପଞ୍ଚାୟତର ୧୯୪୯୮ଟି ଗାଁରେ ଗ୍ରାମସଭା ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇ ତଥା ୧୧ଟି ଭିନ୍ନ ଭିନ୍ନ କମିଟି ଗଠନ କରାଯାଇ ଆଦିବାସୀ ଅଞ୍ଚଳର ବିକାଶ ନିମନ୍ତେ ଯୋଜନା ପ୍ରଣୟନ ଓ ତାର ତଦାରଖ କରିବାର ଖସଡ଼ା ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଚିଛି। ଏହା ପରେ ଆଦିବାସୀ ଅଞ୍ଚଳର ଗ୍ରାମସଭାଗୁଡ଼ିକ ସଶକ୍ତ ହେବ। ଅନ୍ତ୍ୟୋଦୟ ଗୃହଯୋଜନା ମଧ୍ୟ ନୂଆ ସରକାରର ଏକ ବଡ଼ ଉପଲବ୍ଧି। ସମାଜରେ ବସବାସ କରୁଥିବା ବିଧବା, ଭିନ୍ନକ୍ଷମ, ନିଃସହାୟ, ଏଡ୍ସ ରୋଗାକ୍ରାନ୍ତ, ପ୍ରାକୃତିକ ବିପର୍ଯ୍ୟୟ ପ୍ରପୀଡ଼ିତ, ବନ୍ୟଜନ୍ତୁ ଦ୍ୱାରା କ୍ଷତିଗ୍ରସ୍ତ, ସରକାରୀ ଯୋଜନା ପାଇଁ ବିସ୍ଥାପିତ ଅଧିବାସୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ପକ୍କାଘର ଯୋଗାଇ ଦେବାପାଇଁ 'ଅନ୍ତ୍ୟୋଦୟ ଗୃହ ଯୋଜନା' ଆରମ୍ଭ ହୋଇଛି। ଏହି ଯୋଜନା ମାଧ୍ୟମରେ ହିତାଧିକାରୀମାନଙ୍କୁ ପକ୍କାଘର ପାଇଁ ଆଉ ବେଶୀ ଦିନ ଅପେକ୍ଷା କରିବାକୁ ପଡ଼ିବ ନାହିଁ।ଗତ ସରକାର ସମୟରେ ପଞ୍ଚାୟତିରାଜ ବ୍ୟବସ୍ଥା କେବଳ ଯୋଜନା ପ୍ରଣୟନରେ ସୀମିତ ଥିଲା। ବିଜେପି ସରକାର ଗ୍ରାମପଞ୍ଚାୟତ ବିକାଶ ଯୋଜନାକୁ ମିସନ୍ ବା ଅଭିଯାନ ଭାବରେ ଗ୍ରହଣ କରିଛନ୍ତି। ସେହିଭଳି 'ବିକଶିତ ଗାଁ, ବିକଶିତ ଓଡ଼ିଶା'ଯୋଜନା ଅପାର ସମ୍ଭାବନାର ଅସରନ୍ତି ପସରା ନେଇ ଆସିଛି। ପ୍ରଧାନମନ୍ତ୍ରୀ ଅଭିଭାବକ ଭଳି ରାଜ୍ୟ ସରକାରଙ୍କ ପଛରେ ଦୃଢ଼ଭାବରେ ଠିଆ ହୋଇଛନ୍ତି । ଗାନ୍ଧିଜୀଙ୍କ ପରିକଳ୍ପିତ ଗ୍ରାମସ୍ୱରାଜର ସ୍ୱପ୍ନକୁ ସାକାର କରିବାକୁ ସମସ୍ତେ ସହଯୋଗର ହାତ ବଢ଼ାଇବେ ବୋଲି ଆଶାବାଦୀ ହୋଇଛନ୍ତି ସରକାର।

# ପୂରଣ ହେବ ୩୨ ହଜାର ପୁଲିସ ପଦବି: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର (ଭିଓଭି): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଓଡିଶାର ପୁଲିସ ବାହିନୀକୁ ଦକ୍ଷ ଓ ଶୃଙ୍ଖଳିତ କରି ଗଢ଼ିତୋଳିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ସେ କହିଛନ୍ତି ଯେ, ବର୍ତ୍ତମାନ ରାଜ୍ୟ ପୁଲିସ ବାହିନୀରେ ପ୍ରାୟ ୧୬ ହଜାର ପଦବି ଖାଲି ଥିବାବେଳେ, ଆହୁରି ୧୬,୦୫୯ଟି ନୂଆ ପଦବି ସୃଷ୍ଟି କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏସବୁ ପଦବି ପୂରଣ ହେବା ପରେ ରାଜ୍ୟର ଜନସଂଖ୍ୟା ଅନୁପାତରେ ପୁଲିସର ନିୟୋଜନ ଯଥେଷ୍ଟ ବୃଦ୍ଧି ପାଇବ। ଏହାସହିତ ପୁଲିସ ବାହିନୀକୁ ଅଧିକ ଦକ୍ଷ କରିବା ପାଇଁ ଅଧିକାରୀମାନେ ଅନ୍ୟ ରାଜ୍ୟକୁ ଯାଇ, ସେଠାକାର ପରିଚାଳନା ପଦ୍ଧତିକୁ ଅନୁସରଣ କରିବା ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ସଂଘର କର୍ମକର୍ତ୍ତାମାନଙ୍କୁ ଦକ୍ଷତାର ସହ ଆଗାମୀ ଦିନ ଗୁଡିକରେ କାର୍ଯ୍ୟ କରିବାକୁ ଏବଂ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିର ଉନ୍ନତି ପାଇଁ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏକ ବୈଠକରେ ଉପସ୍ଥିତ ସମସ୍ତ ପୁଲିସ ସେବା କର୍ମଚାରୀ ମାନଙ୍କୁ ରାଜ୍ୟବାସୀଙ୍କ ଆଶା ଓ ଭରସାର ମାନ ରଖି ଓଡ଼ିଶାକୁ ଶାନ୍ତି ଶୃଙ୍ଖଳା କ୍ଷେତ୍ରରେ ଏକ ଆଦର୍ଶ ରାଜ୍ୟ ଭାବେ ଗଢି ତୋଳିବାରେ ନିଜର ଯୋଗଦାନ ରଖିବାକୁ ପରାମର୍ଶ ଦେଇଥିଲେ।ଅସହାୟମାନେ କିଭଳି ଯଥା ଶୀଘ୍ର ସହାୟତା ପାଇବେ, ଅସୁରକ୍ଷିତ ଲୋକେ କିଭଳି ତୁରନ୍ତ ସୁରକ୍ଷା ପାଇବେ ସେଥିପ୍ରତି ଧ୍ୟାନ ଦେବା ଓ ସମସ୍ତ ପୁଲିସ ଷ୍ଟେସନରେ ଅଭିଯୋଗ ତୁରନ୍ତ ଗ୍ରହଣ ଏବଂ ସେହି ମାମଲା ଉପରେ କିଭଳି ଠିକ୍ ସମୟରେ ତଦନ୍ତ କରାଯିବ, ସେଥିପ୍ରତି ଯତ୍ନବାନ ହେବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।ରାଜ୍ୟ ପୁଲିସ ବାହିନୀକୁ ଅଧିକ କ୍ରିୟାଶୀଳ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଲିସ କର୍ମଚାରୀଙ୍କ ଭତ୍ତା ଓ ପ୍ରୋତ୍ସାହନ ରାଶି ବୃଦ୍ଧି କରିଛନ୍ତି। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି। ଏହି ନିଷ୍ପତ୍ତି ଅନୁଯାୟୀ କନଷ୍ଟେବଲ ଠାରୁ ଇନ୍ ?ସପେକ୍ଟର ପର୍ଯ୍ୟନ୍ତ ପୁଲିସ କର୍ମଚାରୀଙ୍କ ପୋଷାକ ଭତ୍ତା ଦ୍ୱିଗୁଣିତ ହୋଇଛି।ସେହିପରି କନେଷ୍ଟବଲ, ସିପାହୀ ଓ ସମାନ ର୍ୟାଙ୍କର କର୍ମଚାରୀମାନଙ୍କ ପାଇଁ ଏକ୍ସ୍ଟ୍ରା ଡ୍ୟୁଟି ବାର୍ଷିକ ପ୍ରୋତ୍ସାହନ ରାଶିକୁ ସର୍ବାଧିକ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହାସହିତ ହାବିଲଦାର ଓ ସମାନ ର ?ୟାଙ୍କର କର୍ମଚାରୀମାନଙ୍କ ପାଇଁ ଏକ୍ ?ଷ୍ଟ୍ରା ଡ୍ୟୁଟି ବାର୍ଷିକ ପ୍ରୋତ୍ସାହନ ରାଶିକୁ ସର୍ବାଧିକ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ଭତ୍ତା ଓ ପ୍ରୋତ୍ସାହନ ରାଶିରେ ବୃଦ୍ଧି ଯୋଗୁ ଆଜି କନେଷ୍ଟବଲ, ହବିଲଦାର ଓ ସିପାହୀ ସଂଘର କର୍ମକର୍ତ୍ତା ମାନେ ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଭେଟି କୃତଜ୍ଞତା ପ୍ରକାଶ କରିଥିଲେ। ବୈଠକ ଆରମ୍ଭରେ ପୁଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ ସ୍ୱାଗତଭାଷଣ ଦେବା ।

# ପ୍ରଥମ ପର୍ଯ୍ୟାୟରେ ୨୦ ନୂଆ ଏନଏସି ଗଠନ ହେବ



ଭୁବନେଶ୍ୱର (ଭିଓଭି): ରାଜ୍ୟରେ ନୂଆ ଏନଏସି ଗଠନ ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ୨୦ ଏନଏସି ପାଇଁ ଜିଲ୍ଲାରୁ ରିପୋର୍ଟ ଆସିଛି। ରିପୋର୍ଟ ମିଳିବା ପରେ ଏହାର ତର୍ଜମା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପଞ୍ଚାୟତିରାଜ ବିଭାଗକୁ ପଠାଯାଇଛି ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ପଞ୍ଚାୟତିରାଜ ବିଭାଗ ତର୍ଜମା ପରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ନୂଆ ଏନଏସି ଗଠନ ହେବ। ପୂର୍ବରୁ ନୂଆ ଏନଏସି ପାଇଁ ନିର୍ଦ୍ଧାରିତ ଫର୍ମ ପୂରଣ କରି ପଠାଇବାକୁ ଜିଲ୍ଲାପାଳଙ୍କୁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ରିପୋର୍ଟ ମଗାଯାଇଥିଲା। ୨୦ ଏନଏସି ପାଇଁ ରିପୋର୍ଟ ପହଞ୍ଚିଥିବା ସମ୍ପର୍କରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ସୂଚନା ଦେଇଛନ୍ତି। ବର୍ତ୍ତମାନ ରାଜ୍ୟରେ ୧୭ ପ୍ରତିଶତ ସହରାଞ୍ଚଳ ରହିଛି। ଏହାକୁ ୩୦ ପ୍ରତିଶତକୁ ବୃଦ୍ଧି କରିବା ପାଇଁ ସରକାର ଯୋଜନା ରଖିଛନ୍ତି। ସେହି ଅନୁସାରେ ନୂଆ ଏନଏସି, ମ୍ୟୁନିସପାଲିଟି ଗଠନ ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

# ପ୍ରତିଷ୍ଠା ହେବ ୫ ସ୍ୱତନ୍ତ୍ର ଫାଷ୍ଟଟ୍ରାକ ମହିଳା କୋର୍ଟ: ଆଇନ ମନ୍ତ୍ରୀ



ଭୁବନେଶ୍ୱର (ଭିଓଭି): ରାଜ୍ୟରେ ୫ଟି ସ୍ୱତନ୍ତ୍ର ଫାଷ୍ଟଟ୍ରାକ ମହିଳା କୋର୍ଟ ପ୍ରତିଷ୍ଠା ହେବ। ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ହାଇକୋର୍ଟଙ୍କ ସହ ଆଲୋଚନା ଆରମ୍ଭ ହୋଇଛି। କୋର୍ଟ ପ୍ରତିଷ୍ଠା ଦିଗରେ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ମହିଳା କୋର୍ଟ ପ୍ରତିଷ୍ଠା ହେଲେ ବିରୋଧୀ ଅପରାଧରେ ତ୍ୱରିତ ନ୍ୟାୟ ମିଳିବା ସହ ଦଣ୍ଡ ବିଧାନ ହାର ବଢିବ। ପ୍ରାରମ୍ଭିକ ଭାବେ ୫ ଟି ଏବଂ ପରେ ଏହି ସଂଖ୍ୟା ବୃଦ୍ଧି କରାଯିବ। ଏହା ବାଦ ୩୧୪ ବ୍ଲକରେ କୋର୍ଟ ପ୍ରତିଷ୍ଠା ପାଇଁ ସରକାରଙ୍କ ଯୋଜନା ରହିଛି। ଗ୍ରାମ୍ୟ କୋର୍ଟ ମଧ୍ୟ ସରକାର ପ୍ରତିଷ୍ଠା କରିବେ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ପ୍ରଦାନ କରିଛନ୍ତି।

# ସୂଚନା ଓ ଲୋକ ସମ୍ପର୍କ ବିଭାଗର ନୂଆ ନିର୍ଦ୍ଦେଶକ ହେଲେ ଦେବ ପ୍ରସାଦ ଦାଶ



ଭୁବନେଶ୍ୱର,(ଭିଓଭି): ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନୂଆ ନିର୍ଦ୍ଦେଶକ ଭାବେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଦେବ ପ୍ରସାଦ ଦାଶଙ୍କୁ ନିଯୁକ୍ତ କରାଯାଇଛି। ଏହି ନିଯୁକ୍ତି ସମ୍ପର୍କିତ ବିଜ୍ଞପ୍ତି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପ୍ରକାଶ ପାଇଛି। ଦେବ ପ୍ରସାଦ ଦାଶ ବର୍ତ୍ତମାନ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ତାଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ନିଯୁକ୍ତି ରାଜ୍ୟ ସରକାରଙ୍କ ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ଦାଶଙ୍କ ନେତୃତ୍ୱରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ରାଜ୍ୟ ସରକାରଙ୍କ ନୀତି ଓ କାର୍ଯ୍ୟକ୍ରମକୁ ଜନସାଧାରଣଙ୍କ ମଧ୍ୟକୁ ଅଧିକ ପ୍ରଭାବଶାଳୀ ଭାବେ ପହଞ୍ଚାଇବା ଦିଗରେ କାର୍ଯ୍ୟ କରିବ ବୋଲି ଅନୁମାନ କରାଯାଉଛି। ଏହି ନିଯୁକ୍ତି ସମ୍ପର୍କରେ ରାଜ୍ୟର ବିଭିନ୍ନ ମହଲରେ ସକାରାତ୍ମକ ପ୍ରତିକ୍ରିୟା ଦେଖାଦେଇଛି।

## ସଂ ପା ଦ କୀ ୟ

# ଦ୍ୱନ୍ଦ୍ୱ ଓ ଦ୍ୱିମତ

ଭାରତର ମହାମହିମ ରାଷ୍ଟ୍ରପତି କିମ୍ବା କୌଣସି ରାଜ୍ୟର ମହାମହିମ ରାଜ୍ୟପାଳ ଏକ ନିଷ୍ପତ୍ତିର ସିଦ୍ଧାନ୍ତରେ ଉପନୀତ ହେବା ଉପରେ ସମୟ ଅବଧି ନିର୍ଦ୍ଧାରଣ କରିବା ଆଦେଶ ସୁପ୍ରିମ୍ କୋର୍ଟ୍ ଏଇ ନିକଟରେ ଦେବାପରେ ଏହାକୁ ନେଇ ସାରା ଦେଶରେ ଆଲୋଚନା ଓ ପର୍ଯ୍ୟାଲୋଚନା ସରୁନାହିଁ। ଉପରାଷ୍ଟ୍ରପତି ଜଗଦୀପ ଧନଖଡ ବି ମତ ଦେଇଛନ୍ତିଯେ ବର୍ତ୍ତମାନ କାଳରେ ଦେଶର ଉଚ୍ଚତମ ନ୍ୟାୟାଳୟ 'ସୁପର୍ ପାର୍ଲାମେଣ୍ଟ' ଭଳି କାର୍ଯ୍ୟ କରୁଛନ୍ତି। ସମ୍ବିଧାନର ଧାରା ୧୪୨କୁ ନେଇ ଅନେକ ଚର୍ଚ୍ଚା ଆଲୋଚନା ଚାଲିଥିବା ବେଳେ ବହୁ ପୂର୍ବତନ ବିଚାରପତି, ବିଶିଷ୍ଟ ଓ ଅଭିଜ୍ଞ ଅଧିବକ୍ତାମାନେ ଏହାକୁ ନେଇ ଭିନ୍ନ ମତ ପୋଷଣ କରୁଥିବାରୁ ଦ୍ୱନ୍ଦ୍ୱ ଦ୍ୱିଗୁଣିତ ହେବାରେ ଲାଗିଛି। ସତେ ଯେମିତି ଲାଗୁଛି କୌଣସି ନୀତିଗତ ନିଷ୍ପତ୍ତି, ଚାଲି ଚଳଣି ଓ ପରମ୍ପରା ପାଇଁ ଆଉ ଗୋଟିଏ ମତ ନାହିଁ। ସବୁଥିରେ ଦ୍ୱନ୍ଦ୍ୱ ଆଉ ଦ୍ୱିମତ। ମୋର ଦୁଇ ତିନୋଟି ବ୍ୟକ୍ତିଗତ ଅଭିଜ୍ଞତାକୁ ଉପସ୍ଥାପିତ କରି ନିଷ୍ପତ୍ତି ଆପଣଙ୍କ ଉପରେ ଛାଡ଼ିଦେବାକୁ ଚାହିଁବି।

୨୦୦୨ ମସିହାରେ ଜଣେ ନିକଟ ସମ୍ପର୍କୀୟ ଭାଇର ବାହାଘର ଶୁକ୍ରବାର ଦିନ ଅନୁଷ୍ଠିତ ହୋଇସାରିବା ବେଳକୁ ରାତି ଏଗାରଟା ବାଜି ଯାଇଥାଏ। ଆମେ ପୁଅ ପକ୍ଷ ରାତି ବାରଟା ପରେ ଯେହେତୁ ଶନିବାର ହୋଇଯିବ ତା ପୂର୍ବରୁ ଝିଅକୁ ବିଦା କରିଦେବା ପାଇଁ କନ୍ୟା ପକ୍ଷ ଉପରେ ଚାପ ପକାଇ ଚାଲିଥାଉ। କନ୍ୟା ପକ୍ଷ କିନ୍ତୁ ଆମ ସହ ଏକମତ ନହୋଇ ତାଙ୍କ ପୁରୋହିତଙ୍କ ମତ ନେଇ ବିଳମ୍ବ କରି ଚାଲିଥାନ୍ତି। ଏମିତି ଦ୍ୱନ୍ଦ୍ୱ ଓ ଦ୍ୱିମତ ବଢ଼ିବାରୁ ମୁଁ ମୋର ପିଉସୀ ପୁଅ ଭାଇ କୈଳାସ ସହ ଆମ ପୁରୋହିତ ଚଣ୍ଡେଶ୍ୱର ମିଶ୍ରଙ୍କ ନିକଟକୁ ଆସି ପରାମର୍ଶ ନେଲୁ। ତାଙ୍କୁ ପଚାରିଲୁ ୧୨ଟା ପୂର୍ବରୁ ଆମେ ବୋହୂକୁ ନେବା ଉଚିତ୍ ନା ୧୨ଟା ପରେ ଅର୍ଥାତ୍ ଶନିବାର ନେଲେ ଚଳିବ? ସେ କିନ୍ତୁ ଉତ୍ତର ନଦେଇ ଆଶ୍ଚର୍ଯ୍ୟ କଲା ଭଳି ଆମକୁ ପ୍ରଶ୍ନ ପଚାରିଥିଲେ ତୁମେ କଣ ଚାହୁଁଛ ? ଶୁକ୍ରବାର ନେବ ନା ଶନିବାର ? ଯଦି ଶୁକ୍ରବାର ନେବ ତା'ପାଇଁ ଶାସ୍ତ୍ର ଅନୁସାରେ ଏକ ଶ୍ଳୋକ ଓ ଯଦି ଶନିବାର ନେବ ତା'ପାଇଁ ଶାସ୍ତ୍ର ଅନୁସାରେ ଏକ ଶ୍ଳୋକ ଉଚ୍ଚାରଣ କରି ଆମ ଦୁହିଁଙ୍କୁ ସହଜ କରି ଦେଇଥିଲେ। ତାପରେ ଆମେ ଦୁହେଁ ଜାଣିନେଲୁ ଯେ ଏସବୁ ନୀତି ନିୟମ ପଣ୍ଡିତମାନଙ୍କ ହାତରେ ତେଣୁ ଯେତେ ଡେରି ହେଉଛି ହେଉ, କିଛି ଅସୁବିଧା ନାହିଁ।

ଦ୍ୱିତୀୟ ବିଚିତ୍ର ଓ ମଜାଦାର ଅନୁଭୂତିଟି ଘଟିଥିଲା ଏଇ ୩ମାସ ତଳେ 'ବନ୍ଧନ' ନିମନ୍ତ୍ରଣ ପତ୍ର ସଂସ୍ଥାର ଏକ ନୂତନ କାର୍ଯ୍ୟାଳୟ ପୂଜା ସମୟରେ। ପୂଜାବିଧି ପାଳନ ଅବସରରେ 'ବନ୍ଧନ' ପରିବାରର ମୁଖ୍ୟ ପାର୍ଥ ଦାସ ମୋତେ ଫୋନ୍ କରି ପଚାରିଲେ ନୂତନ ଗଣେଶ ଓ ମାଆ ଲକ୍ଷ୍ମୀଙ୍କ ମୂର୍ତ୍ତି କେମିତି ଓ କୋଉ ସ୍ଥାନରେ ଅବସ୍ଥାପିତ ହେବେ ? କିଏ ବାମ ପାର୍ଶ୍ୱରେ ଓ କିଏ ଦକ୍ଷିଣ ପାର୍ଶ୍ୱରେ ରହିବେ। ମୁଁ ବ୍ରାହ୍ମଣ ହୋଇଥିବାରୁ ମୋର ଏ ବାବଦରେ ଭଲ ଜ୍ଞାନ ଥିବ ବୋଲି ଭରଷା କରି ସେ ହୁଏତ ମତେ ପଚାରି ଥାଇ ପାରନ୍ତି ବୋଲି ମୁଁ ଭାବିଥିଲି। ତାଙ୍କୁ ନିରାଶ ନକରିବା ଓ ସଠିକ୍ ପରାମର୍ଶ ଦେବା ନିମନ୍ତେ ମୁଁ ମୋର ଚିହ୍ନାଜଣା ତିନିଜଣ ପଣ୍ଡିତଙ୍କୁ ତୁରନ୍ତ ଫୋନ୍ ମାଧ୍ୟମରେ ପଚାରି ବୁଝିଥିଲି। କିନ୍ତୁ ଆଶ୍ଚର୍ଯ୍ୟ କଥା ଯେ ତିନିଜଣଙ୍କର ମତ ଭିନ୍ନ ପ୍ରକାର ଥିଲା। ଜଣେ କହିଲେ ଲକ୍ଷ୍ମୀଙ୍କ ବାମ ପାର୍ଶ୍ୱରେ ଗଣେଶ, ଆଉ ଜଣେ କହିଥିଲେ ଲକ୍ଷ୍ମୀଙ୍କ ଦକ୍ଷିଣ ପାର୍ଶ୍ୱରେ ଗଣେଶ ଓ ଆଉ ଜଣେ କହିଲେ ଗଣେଶ ଓ ଲକ୍ଷ୍ମୀ ଏକ ଜାଗାରେ ରହିବେନି। ବାରଣ କରିବା ସହିତ ଏକ ଲମ୍ବା ଶ୍ଳୋକ ଶୁଣାଇ କହିଲେ ମାଆ ଓ ପୁଅ ଗୋଟିଏ ଜାଗାରେ କେମିତି ରହିବେ ? ବହୁ ବିଘ୍ନ ହେବ ବୋଲି କଡା ଚେତାବନୀ ମଧ୍ୟ ଶୁଣାଇ ଦେଇଥିଲେ। ସବୁ ଶୁଣି ମୁଁ ନିଜେ ଭକ୍ତି ମାର୍ଗରେ ବିଶ୍ୱାସ ରଖିଥିବାରୁ ଜ୍ଞାନ ମାର୍ଗର ଏ ଦ୍ୱନ୍ଦ୍ୱ ଓ ଦ୍ୱିମତରେ ନପକାଇ ପାର୍ଥ ବାବୁଙ୍କୁ ମୋ ଅନ୍ତରାତ୍ମା ଯାହା କହିଲା ସେଇ ପରାମର୍ଶଟି ଶୁଣାଇ ଦେଇଥିଲି। ମୋର ମତ ସହ ପାର୍ଥ ବାବୁ ନିଜେ ଓ ପୂଜା କରୁଥିବା ପଣ୍ଡିତ ମଧ୍ୟ ଏକମତ ହେଲେ ଓ ମୂର୍ତ୍ତି ଦ୍ୱୟଙ୍କୁ ସ୍ଥାପନ କରିଥିଲେ।

ମୋର ତୃତୀୟ ଅନୁଭୂତିଟି ମଜାଦାର ନୁହେଁ ବରଂ ଭୟଙ୍କର ବୋଲି କୁହା ଯାଇପାରେ। ଏହା ଏକ ଡାକ୍ତର, ଡାକ୍ତରଖାନା ଓ ଚିକିତ୍ସା ପରାମର୍ଶର ଅନୁଭୂତି। କାହାର ନାମ ଏଠାରେ ପ୍ରକାଶ ମୁଁ କରୁନାହିଁ। ମୋର ମଝିଆଁ ଭାଇଙ୍କ ଦୃଷ୍ଟି ଶକ୍ତି ସମସ୍ୟାକୁ ନେଇ ଆମ ପରିବାରର ପରିଚିତ ଜଣେ ଚକ୍ଷୁ ବିଶେଷଜ୍ଞଙ୍କ ନିକଟକୁ ପରାମର୍ଶ ନିମନ୍ତେ ଯାଇଥିଲୁ। ସମସ୍ତ ପରୀକ୍ଷା ନିରୀକ୍ଷା କରିବା ପରେ ଡ଼ାକ୍ତର ବାବୁ କହିଥିଲେ ଆପଣଙ୍କର ଏହା ଏକ ବଂଶଗତ ସମସ୍ୟା। ଆପଣଙ୍କ ମାଆ ଓ ବଡ ଭାଇଙ୍କ ଭଳି ମଝିଆଁ ଭାଇଙ୍କର ବି ଚକ୍ଷୁର କର୍ଣ୍ଣିଆ ଖରାପ ହୋଇଯାଇଛି ଯାହାର କି ତୁରନ୍ତ ପ୍ରତିରୋପଣ କରିବା ଆବଶ୍ୟକ। ମଝିଆଁ ଭାଇଙ୍କର ସ୍ୱାସ୍ଥ୍ୟ ବୀମା ନଥିବାରୁ ଆମେ ଟିକେ ଅଧିକ ଖର୍ଚ୍ଚ କରିବାକୁ ଆଗପଛ ହୋଇ ଅନ୍ୟ ଏକ ଡାକ୍ତରଖାନାରେ ଡାକ୍ତରଙ୍କ ପରାମର୍ଶ ନେଲୁ। ସେଠାରେ ବି ପରୀକ୍ଷା ନିରୀକ୍ଷା ସରିବା ପରେ ସେମାନେ କର୍ଣ୍ଣିଆ ସମସ୍ୟା ଅଛି ବୋଲି କହିଥିଲେ। କିନ୍ତୁ ଚିକିତ୍ସା ପରାମର୍ଶ ଦେବାକୁ ଯାଇ ଏବେ କର୍ଣ୍ଣିଆ ପ୍ରତିରୋପଣ ନକରି କେବଳ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରିଦେବା ପାଇଁ ଉପଦେଶ ଦେଲେ। ଯେହେତୁ କର୍ଣ୍ଣିଆ ସମସ୍ୟା ଅଛି ଆମେ ମୋତିଆବିନ୍ଦୁ ଅସ୍ତ୍ରୋପଚାର ସମୟରେ, କର୍ଣିଆକୁ କ୍ଷତି ନପହଞ୍ଚାଇବା ପାଇଁ ଆମେ ଯତ୍ନଶୀଳ ହେବା ସହିତ ଏକ ପ୍ରକାର ମେଡିକେଟଡ୍ ବିସ୍କୁଟ ଦେଇ ଅସ୍ତ୍ରୋପଚାର କରିବୁ। ମୁଁ ପୂର୍ବ ଡାକ୍ତରଙ୍କ ତୁରନ୍ତ କର୍ଣ୍ଣିଆ ପ୍ରତିରୋପଣ ପରାମର୍ଶ କଥା କହିଲି ଏବଂ ମୋର ବଡ ଭାଇଙ୍କର ଦୁଇ ଆଖିରେ ସଫଳ କର୍ଣ୍ଣିଆ ପ୍ରତିରୋପଣ ସେ କରିଥିବା କଥା କହିଥିଲି। ସେ କିନ୍ତୁ ତାହା ଗ୍ରହଣ କରିନଥିଲେ। ତାଙ୍କର ମତ ଥିଲା ଆପଣଙ୍କ ବଡ ଭାଇଙ୍କର ସଫଳ ହୋଇଥିବ ମୁଁ ମନା କରୁନାହିଁ କି ଅସ୍ୱୀକାର କରୁନାହିଁ, କିନ୍ତୁ ଡାକ୍ତରୀ ପାଠ କହୁଛି, ଯେ ପର୍ଯ୍ୟନ୍ତ ଈଶ୍ୱର ପ୍ରଦତ୍ତ କର୍ଣ୍ଣିଆ ଦ୍ୱାରା ଆମେ ଅଳ୍ପ ହେଉ ପଛକେ ଦେଖି ପାରୁଛେ ଓ ସେ ପର୍ଯ୍ୟନ୍ତ ଆମେ ତାହାକୁ ରଖିବା ଉଚିତ୍। ଯେତେବେଳେ ନିହାତି ଚଳିବାରେ ଅସୁବିଧା ହେବ ଆମେ ତାର ପରୀକ୍ଷା ନିରୀକ୍ଷା କରି ପ୍ରତିରୋପଣ କଥା ଚିନ୍ତା କରିବା। କାରଣ ଆମ ଶରୀରରେ ଆମେ ଯେତେବେଳେ ଅନ୍ୟ ଜଣଙ୍କ କୌଣସି ଅଙ୍ଗକୁ ପ୍ରତିରୋପଣ କରିବା ତାହା ଯେ ସମ୍ପୂର୍ଣ୍ଣ ଭାବରେ ସଫଳ ଓ କାର୍ଯ୍ୟକ୍ଷମ ହେବ ତାହା କେହି ବିଧିବଦ୍ଧ ଭାବେ ପ୍ରତିଶ୍ରୁତି ଦେଇ ପାରିବେ ନାହିଁ। ଡାକ୍ତରଙ୍କ ପରାମର୍ଶ ଆମକୁ ଠିକ୍ ଲାଗିଲା। ସମାନ ରୋଗର ଚିକିତ୍ସା ନିମନ୍ତେ ଦୁଇ ଡାକ୍ତରଙ୍କ ଭିନ୍ନ ଓ ଦ୍ୱନ୍ଦାତ୍ମକ ମତ ମନକୁ ଭାରାକ୍ରାନ୍ତ କଲା। ଜଣେ ଶତ ପ୍ରତିଶତ ସଫଳ ହେବାର ପ୍ରତିଶ୍ରୁତି ସହିତ ପ୍ରତିରୋପଣ ନିହାତି ଆବଶ୍ୟକ ବୋଲି କହୁଥିବା ବେଳେ ଅନ୍ୟ ଜଣେ ଶୂନ୍ୟ ପ୍ରତିଶତ ସଫଳ ଓ ଏବେ ଆଦୌ ଆବଶ୍ୟକ ନାହିଁ ବୋଲି କହିବାରୁ ମାନସିକ ଦ୍ୱନ୍ଦ୍ୱ ଉପୁଜିବା ଏକ ସ୍ୱାଭାବିକ କଥା।

ଦ୍ୱନ୍ଦ୍ୱ ଓ ଦ୍ୱିମତକୁ ନେଇ ଆଜି ସଭିଏଁ ଦୋଛକିରେ। ପଣ୍ଡିତ-ପଣ୍ଡିତ, ଡାକ୍ତର-ଡାକ୍ତର, ଓକିଲ-ଓକିଲ ଓ ବୁଦ୍ଧିଜୀବୀ-ବୁଦ୍ଧିଜୀବୀ ମାନଙ୍କ ଭିତରେ ସବୁ କ୍ଷେତ୍ରରେ ଏବେ ଦ୍ୱନ୍ଦ୍ୱ ଏବଂ ଦ୍ୱିମତ। ତାର ପରିଣାମ ସ୍ୱରୂପ ଦେଶରେ ଏବେ ଦୀପାବଳି, ସରସ୍ୱତୀ ପୂଜା, ଗଣେଶ ପୂଜା, ଅମାବାସ୍ୟା ଓ ସଂକ୍ରାନ୍ତି ଦୁଇ ଦିନ ଲେଖାଏଁ ପାଳନ କରୁଛେ ଓ ଆଗକୁ ମଧ୍ୟ କରିବା। ସମାନ କେସ୍'କୁ ନେଇ ଜଣେ ଓକିଲ ଏହା କୋର୍ଟରେ ଗ୍ରହଣ ଯୋଗ୍ୟ ନୁହେଁ ବୋଲି କହୁଥିବା ବେଳେ ଅନ୍ୟ ଜଣେ ବଢିଆ କେସ୍, ସପ୍ତାହ ମଧ୍ୟରେ ଆସି ଅର୍ଡର୍ ନେଇ ଯିବାର ପ୍ରତିଶ୍ରୁତି ଦେଉଛନ୍ତି। ନିତିଦିନ ଏମିତି ଦ୍ୱନ୍ଦ୍ୱ ଓ ଦ୍ୱିମତର ସମ୍ମୁଖୀନ ଆମେ ହେଉଛେ, କିନ୍ତୁ ଏହାକୁ ଗୁରୁତ୍ୱ ନଦେଇ ନିଜ ବିବେକ ଓ ଅଭିଜ୍ଞତାକୁ ପାଥେୟ କରି ନିଷ୍ପତ୍ତି ନେବା ଉଚିତ୍। ଆସନ୍ତୁ ନିଜ ନିଷ୍ପତ୍ତି ନିଜେ ନେବା।

ଜ୍ଞାନ ରଞ୍ଜନ ମିଶ୍ର

# 'ମନୁଷ୍ୟ ଜୀବନରେ ଦିବ୍ୟଜ୍ଞାନର ପ୍ରାପ୍ତି'

ଭାରତ ଏକ ଧର୍ମ ପ୍ରଧାନ ଦେଶ। ଏଠାରେ ପ୍ରତ୍ୟକ ବ୍ୟକ୍ତି ପ୍ରତ୍ୟକ୍ଷ ଭାବରେ ହେଉ କିମ୍ବା ପରୋକ୍ଷ ଭାବରେ ହେଉ। କେଉଁ ନା କେଉଁ ସମ୍ପ୍ରଦାୟକୁ ଆପଣେଇଥାନ୍ତି। କାରଣ ମନୁଷ୍ୟ ଏକ ସାମାଜିକ ପ୍ରାଣୀ। ସେ ସର୍ବଦା ଅନ୍ୟ ଉପରେ ନିର୍ଭରଶୀଳତାକୁ ଗୁରୁତ୍ୱ ଦେଇଥାଏ। ଯେପରିକି ଆଶ୍ରା, ଆଶ୍ରିତ ଓ ଆଶ୍ରୟକୁ ନେଇ ଜୀବନର ଗତିକୁ ଆଗେଇ ନେଇଥାଏ। ଏହାର ଅର୍ଥ ଆମେ ସର୍ବଦା ଭଗବାନଙ୍କ ଉପରେ ଆଶ୍ରା କରିବା ଦରକାର। ଯାହା ଉପରେ ଆଶ୍ରା କରିବା ତାର ହିଁ ଆଶ୍ରିତ ହେବା ଶ୍ରେୟସ୍କର। କାରଣ ଆମର ତା ସହିତ ଆସ୍ତା ଯୋଡି ହେଲା। ଆସ୍ତା ଯୋଡି ହେଲେ ମନୁଷ୍ୟ ନିଜକୁ ସୁରକ୍ଷାମଣି ତାରି ପାଖରେ ଆଶ୍ରୟ ନେବାକୁ ସୁଖ ମଣେ। ଶାସ୍ତ୍ର କହୁଛି ମଣିଷ ମାତ୍ରକେ ଗୁରୁ ଓ ଗୋବିନ୍ଦଙ୍କ ଚରଣକୁ ଯିବା ଦରକାର ନଚେତ ଶାନ୍ତି ଓ ମୁକ୍ତି ମିଳିବ ନାହିଁ। ଗୁରୁ ଚରଣ ମାନେ ଯାହାର ଆଦର୍ଶ ଆମକୁ ଅନୁପ୍ରାଣିତ କରେ। ଜୀବନର ଲକ୍ଷ୍ୟ ସ୍ଥଳରେ ପହଂଚିବା ପାଇଁ ସେହି ନୀତି ଆଦର୍ଶ ସହାୟକ ହେବ।

ଯେଉଁ ବ୍ୟକ୍ତି ଗଭୀର ଶ୍ରଦ୍ଧାବାନ ଅଟନ୍ତି ଏବଂ ମନ ଓ ଇନ୍ଦ୍ରିୟକୁ ଦମନ କରିବାର ଅଭ୍ୟାସ କରିଥାଆନ୍ତି, ସେ ଦିବ୍ୟଜ୍ଞାନ ପ୍ରାପ୍ତ କରନ୍ତି। ଏଠାରେ ଆମେ ଦେଖିବା ଦୁଇଟି ଶବ୍ଦକୁ, ଗୋଟିଏ ଶ୍ରଦ୍ଧା ଓ ଅନ୍ୟଟି ଜ୍ଞାନ। ଏଇ ଦୁଇଟି ଶବ୍ଦର ଅର୍ଥ, ଗୁରୁ ଶାସ୍ତ୍ରେଷୁ ବିଶ୍ୱାସକୁ ଶ୍ରଦ୍ଧା କହନ୍ତି ଓ ଯେଉଁଟି ଯାହା ତାକୁ ସେହି ରୂପେ ଜାଣିବା ହେଉଛି ଜ୍ଞାନ। ଯେଉଁଟି ଯାହା ତାକୁ ଅନ୍ୟ ରୂପରେ ଦେଖିବା ହେଉଛି ଅଜ୍ଞାନ। ଏଠାରେ ଜ୍ଞାନ ଅର୍ଥ ଦିବ୍ୟଜ୍ଞାନକୁ ବୁଝାଉଛି। ଯାହା ଏପରି ଏକ ବିଷୟ ଯାହାର ପ୍ରାପ୍ତିରେ ମନୁଷ୍ୟ ପବିତ୍ରୀକରଣ ହୋଇଯାଏ। ସୁଖ ଶାନ୍ତି ପ୍ରାପ୍ତି କରେ। ଅଜ୍ଞାନ ହେଉଛି ଆମର ବନ୍ଧନର କାରଣ ଏବଂ ଜ୍ଞାନ ହେଉଛି ଆମର ମୁକ୍ତିର କାରଣ। ଯେତେବେଳେ ବ୍ୟକ୍ତି ଦିବ୍ୟଜ୍ଞାନ ସ୍ତରରେ ଅବସ୍ଥାନ କରେ। ସେତେବେଳେ ସେ ଆଉ ଅନ୍ୟତ୍ର ଶାନ୍ତିର ଅନ୍ୱେଷଣ କରିବା ଦରକାର ନାହିଁ। କାରଣ ସେ ନିଜ ମଧ୍ୟରେ ହିଁ ଶାନ୍ତି ପାଏ। ଦିବ୍ୟଜ୍ଞାନର ବୃଦ୍ଧି ଘଟିଲେ ତାର ସମସ୍ତ ସନ୍ଦେହ ଦୂରୀଭୂତ ହୋଇଯାଏ। ଶ୍ରଦ୍ଧା ଦ୍ୱାରା ଜ୍ଞାନ ପ୍ରାପ୍ତ ହୁଏ ଏବଂ ଯେଉଁ ଶ୍ରଦ୍ଧା, ଗୁରୁ ଓ ଶାସ୍ତ୍ର ଉପରେ ବିଶ୍ୱାସ କଲେ ଯାଇ ମିଳିବ। ବିଶ୍ୱାସ ମଧ୍ୟ ସହଜେ ହେବ ନାହିଁ କାରଣ ବିଶ୍ୱାସ ଅନୁଭବର କଥା। ଯେବେ ବିଦ୍ୟାର୍ଥୀ ଗୁରୁ ଓ ଶାସ୍ତ୍ର ଅନୁମୋଦିତ ନିୟମ ଅନୁଯାଇ ଚାଲିବ। ନିଜ ଜୀବନର କର୍ତ୍ତବ୍ୟକୁ ସେହି ରୂପେ ପାଳନ କରିବ। ତେବେ ଯାଇ ଅନୁଭବ ଓ ବିଶ୍ୱାସ ହେବ। ଏଣୁ ଆମେ ଅଜ୍ଞାନ ଜନିତ କଷ୍ଟକୁ ଜ୍ଞାନ ରୂପକ ଖଡ଼ଗ ଦ୍ୱାରା କାଟିବା ପାଇଁ ସକ୍ଷମ ହୋଇପାରିଲେ, ସର୍ବଦା ସୁଖ ଓ ଶାନ୍ତିରେ ଜୀବନ ଅତିବାହିତ କରିପାରିବା। ଭଗବାନଙ୍କ ଏହି ସୁନ୍ଦର ସଂସାରରେ ଦିବ୍ୟଜ୍ଞାନ ହେଉଛି ଅମୃତ ପରି ଆଉ ତାହାକୁ ପ୍ରାପ୍ତ କରିପାରିଲେ ଏ ସଂସାରରେ ସବୁ କିଛି ମିଳିଯିବା ସହ ଭଗବାନଙ୍କୁ ଅନୁଭବ କରିଲା ପରି ଲାଗେ । ତେବେ ଏହି ଦିବ୍ୟଜ୍ଞାନରେ ଶୁଦ୍ଧ କରିବା,

## ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଉନ୍ନତ କରିବା, ମୁକ୍ତ କରିବା ଏବଂ ଭଗବାନଙ୍କ ସହିତ ମିଳିତ କରାଇବାର ଶକ୍ତି ରହିଛି, ତେଣୁ ଏହା ଅତ୍ୟନ୍ତ ଗରିମାମୟ ଏବଂ ଶୁଦ୍ଧ ଅଟେ । ଏହି ଜ୍ଞାନ ଦୁଇ ପ୍ରକାରର। ଏକରେ ଶାବ୍ଦିକ ଜ୍ଞାନ ଏବଂ ଦ୍ୱିତୀୟରେ ଅନୁଭବାତ୍ମକ ଜ୍ଞାନ । ଗୋଟିଏ ପ୍ରକାର ଜ୍ଞାନ ଅଛି ଯାହା ଶାସ୍ତ୍ର ପଠନ ଏବଂ ଗୁରୁଙ୍କ ଠାରୁ ଶ୍ରବଣ ଦ୍ୱାରା ହୋଇଥାଏ । କିନ୍ତୁ କେବଳ ଶାବ୍ଦିକ ଜ୍ଞାନ ଅପର୍ଯ୍ୟାପ୍ତ ଅଟେ ସବୁକିଛି ପ୍ରାପ୍ତି ପାଇଁ ଅର୍ଥାତ୍ ଭଗବାନଙ୍କୁ ଉପଲବ୍ଧି କରିବା ପାଇଁ । ଉଦାହରଣ, ଯେପରି ଜଣେ ବ୍ୟକ୍ତି ପାକଶାସ୍ତ୍ର ପଠନ କରିଥାଏ କିନ୍ତୁ କେବେ ସେ ରୋଷେଇଶାଳକୁ ଯାଇ ନ ଥାଏ । ଅର୍ଥାତ୍ ସେ ରୋଷେଇ ବିଷୟରେ ଅଧ୍ୟୟନ କରିଛି କିନ୍ତୁ ରୋଷେଇ କରି ଶିଖି ନାହିଁ। ରୋଷେଇର ଏହି ଶାବ୍ଦିକ ଜ୍ଞାନ କାହାର କ୍ଷୁଧା ମେଣ୍ଟାଇ ପାରିବ ନାହିଁ । ସେହିପରି ଜଣେ ବ୍ୟକ୍ତି ଗୁରୁଙ୍କଠାରୁ ଆତ୍ମା, ଭଗବାନ୍, ମାୟା, କର୍ମ, ଜ୍ଞାନ ଏବଂ ଭକ୍ତି ବିଷୟରେ ଶାବ୍ଦିକ ଜ୍ଞାନ ପ୍ରାପ୍ତ କରିପାରେ, କିନ୍ତୁ ତାହା ଭଗବତ୍ ?ପ୍ରାପ୍ତି କରାଇ ନ ଥାଏ । ବ୍ୟକ୍ତି ଯେତେବେଳେ ଏହି ଶାବ୍ଦିକ ଜ୍ଞାନ ଅନୁସାରେ ସାଧନା କରି ତା'ର ଅନ୍ତଃକରଣ ଶୁଦ୍ଧ କରିଥାଏ, ସେତେବେଳେ ତାଙ୍କ ଅନ୍ତରରେ ଆତ୍ମା ବିଷୟରେ ଏବଂ ଭଗବାନଙ୍କ ସହିତ ତାଙ୍କର ସମ୍ବନ୍ଧ ବିଷୟରେ ଜ୍ଞାନ ଉଦ୍ ?ଭାସିତ ହୁଏ । ଏହାକୁ ପ୍ରାପ୍ତି ପାଇଁ ଯୋଗ ସାଧନା ଆବଶ୍ୟକ। ଯୋଗ ସାଧନା ମାଧ୍ୟମରେ ଅନ୍ତରର ଅନୁଭୂତି ଦ୍ୱାରା ଯେଉଁ ଜ୍ଞାନ ପ୍ରାପ୍ତ ହୋଇଥାଏ, ତାହା ଶାବ୍ଦିକ ଜ୍ଞାନ ଅପେକ୍ଷା ଶ୍ରେଷ୍ଠତର ଅଟେ । ଆସନ୍ତୁ ଏ ଦିବ୍ୟଜ୍ଞାନକୁ ନେଇ ଛୋଟ କଥାଟିଏ ଜାଣିବା ଯେ ଦିବ୍ୟଜ୍ଞାନ କିପରି ଉଦୟ ହୁଏ ଆଉ ଏହି ଦିବ୍ୟଜ୍ଞାନ ଦ୍ୱାରା ମନୁଷ୍ୟ କିପରି ମନ ପରିବର୍ତ୍ତନ ହୋଇଥାଏ। ଜଣେ ରାଜକୁମାର ତତ୍ କ୍ଷଣାତ୍ ଦିବ୍ୟଜ୍ଞାନ ଲାଭ କାମନାରେ, ଜଣେ ଗୁରୁଙ୍କୁ ଭେଟିଲେ। ତାଙ୍କ କାମନା ବାବଦରେ ଜାଣି, ଗୁରୁ ଏହା ସମ୍ଭବ ବୋଲି କହିଲେ। ରାଜକୁମାର କେଉଁ ବିଦ୍ୟାରେ ସବୁଠାରୁ ନିପୁଣ, ଜାଣିବାକୁ ଚାହିଁଲେ। ତାଙ୍କୁ ଅନେକ ସାମରିକ କଳା ଜଣାଥିଲା। ସେ ଅଶ୍ୱାରୋହଣରେ ସବୁଠାରୁ ପାରଙ୍ଗମ ବୋଲି କହିଲେ। ମଠରେ ରହୁଥିବା ଗୁରୁଙ୍କର ଜଣେ ଚେଲା ବି ଏହି ବିଦ୍ୟାରେ ନିପୁଣ ଥିଲେ। ଦୁହିଁଙ୍କ ଭିତରେ ପ୍ରତିଯୋଗିତା ପାଇଁ ଗୁରୁ କହିଲେ। ସର୍ତ୍ତ ରହିଲା ଯିଏ ହାରିବ, ସେ ନିଜ ପେଟକୁ ନିଜେ ଛୁରି ଭୁଷିବା) ଦ୍ୱାରା ଆତ୍ମହତ୍ୟା କରିବ। ରାଜକୁମାରଙ୍କୁ ଲାଗିଲା, ମଠରେ ରହୁଥିବା ପ୍ରତିଦ୍ୱନ୍ଦ୍ୱୀ କେବେ ହେଲେ ଜିତି ପାରିବନାହିଁ। ତା'ର ଜୀବନ ଯିବ। ହଠାତ୍ ସେ ଚିନ୍ତିତ ଦିଶିଲେ- ଆରେ ମୁଁ ଏ କ'ଣ କରୁଛି ମୁଁ ବଡ଼ ନିଷ୍ଠୁର। ମୁଁ ଦିବ୍ୟଜ୍ଞାନ ତଲାସରେ ଆସିଥିଲି। ଆଉ ମୋ ପାଇଁ ଏବେ ଜଣଙ୍କର ପ୍ରାଣ ଯିବ। ଜଣଙ୍କର ମୃତ୍ୟୁରୁ ପ୍ରାପ୍ତ ଦିବ୍ୟଜ୍ଞାନ ମୋ'ର କେଉଁ କାମରେ ଲାଗିବ ସେ ବିଚଳିତ ହୋଇପଡ଼ିଲେ।

ଅରଙ୍ଗାବାଦ, ବରୀ, ଯାଜପୁର

## ଏକାଦଶୀ ଉପବାସ ମାହାତ୍ମ୍ୟ : ୨୬

# ପଦ୍ମିନୀ ଏକାଦଶୀ

## ସିଦ୍ଧାର୍ଥ ମହାପାତ୍ର

ମଳ ମାସରେ ଆସୁଥିବା ଶୁକ୍ଳ ପକ୍ଷ ଏକାଦଶୀ ନାମ ପଦ୍ମିନୀ ଏକାଦଶୀ ବୋଲି ପ୍ରଭୁ ଶ୍ରୀକୃଷ୍ଣ ଜ୍ୟେଷ୍ଠ ପାଣ୍ଡବ ଯୁଧିଷ୍ଠିରଙ୍କୁ କହିଥିଲେ। ଏହି ଏକାଦଶୀର ମାହାତ୍ମ୍ୟ ସର୍ବପ୍ରଥମେ ପୁଲସ୍ତ୍ୟ ଋଷି ନାରଦ ଋଷି ଙ୍କୁ କହିଥିଲେ। ପଦ୍ମିନୀ ଏକାଦଶୀ ମଳ ମାସ ଶୁକ୍ଳ ପକ୍ଷରେ ପାଳନ କରାଯାଏ। ତ୍ରେତୟା ଯୁଗରେ ମହିଷ୍ମତୀ ନଗରୀରେ କୃତାବୀର୍ଯ୍ୟ ନାମକ ରାଜା ଥିଲେ। ତାଙ୍କର ଶହେ ରାଣୀ ଥିବା ସତ୍ତ୍ୱେ ପୁତ୍ର ନଥିଲା। ପୁତ୍ରେଷ୍ଟି ଯଜ୍ଞ ମଧ୍ୟ ତାଙ୍କ ପାଇଁ ଫଳବତୀ ହୋଇ ନଥିଲା। ନିରାଶ ହୋଇ ରାଜା କୃତବୀର୍ଯ୍ୟ ନିଜ ରାଣୀ ପ୍ରମଦାଙ୍କ ସହ ଗନ୍ଧମାର୍ଦନ ପର୍ବତ ଉପରେ ୧୦୦୦୦ବର୍ଷ ପୁତ୍ରପ୍ରାପ୍ତି ନିମନ୍ତେ ତପସ୍ୟା କଲେ।ତହିଁରେ କିଛି ସୁଫଳ ନପାଇବାରୁ ରାଣୀ ପ୍ରମଦା ନିକଟରେ ଥିବା ସତୀ ଅନୁସୂୟାଙ୍କ ପାଖରେ ପୁତ୍ର ପ୍ରାପ୍ତି ଉପାୟ ଜାଣିବା ପାଇଁ ଗୁହାରି କଲେ। ସତୀ ଅନୁସୂୟା ନିଷ୍ଠାର ସହ ପଦ୍ମିନୀ ଏକାଦଶୀ ବ୍ରତ ପାଳନର ଉପଦେଶ ଦେଲେ ଏବଂ କହିଲେ କି ଏହି ବ୍ରତ ଉପରାନ୍ତେ ଯେଉଁ ପୁତ୍ର ଜନ୍ମ ନେବ, ସେ ଅଜେୟ ହେବ ଏବଂ ମହାବୀର ରାବଣଙ୍କୁ ମଧ୍ୟ ବନ୍ଦୀ ବନେଇବ। ରାଣୀ ପ୍ରମଦା ଶ୍ରଦ୍ଧାର ସହ ପଦ୍ମିନୀ ଏକାଦଶୀ ବ୍ରତ ପାଳନ କରି କାର୍ତ୍ତିବୀର୍ଯ୍ୟ ନାମକ ପୁତ୍ର ଲାଭ କଲେ ଯିଏ ରାବଣ ସଙ୍ଗେ ଯୁଦ୍ଧ କରି ତାକୁ ବନ୍ଦୀ କରିଥିଲେ, ଯାହାକୁ ପୁଲସ୍ତ୍ୟ ଋଷିଙ୍କ ଉପଦେଶର ମୁକ୍ତ କରିଥିଲେ। ଏହି କଥାକୁ ସୂତ ଋଷି ନୈମିଷ୍ୟାରନ୍ୟରେ ୮୮୦୦୦ଋଷିଙ୍କୁ ଶୁଣାଇଥିଲେ। ଯେପରି ଗୋଟିଏ ତୁଳା ପାହାଡ଼କୁ କେବଳ ଗୋଟିଏ ଛୋଟ ଅଗ୍ନିକଣା ଭସ୍ମ କରିଦିଏ ସେପରି ଅନନ୍ତ ଜନ୍ମର ପାପକୁ ପଦ୍ମିନୀ ଏକାଦଶୀ ବ୍ରତ ପାଳନ ଧ୍ୱଂସ କରିଦିଏ।

*ହରିଦ୍ୱାର, ଉତ୍ତରାଖଣ୍ଡ*
*ମୋ : ୯୩୩୮୫୭୦୯୯୩*

# ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ଗଣିଆ ବନାଞ୍ଚଳରୁ ଗଲା ରଥକାଠ



ଗଣିଆ (ଭିଓଭି): ପୁରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଗଣିଆ ବନାଞ୍ଚଳରୁ ଗୁରୁବାର ରଥକାଠ ପୁରୀ ରଥଖଳାକୁ ଯାଇଥିବା ଜଣାପଡିଛି । ୨୭୨ ଘନଫୁଟର ପ୍ରାୟ ୧୦ ଲଗ୍ ଫାଶୀକାଠ କଟାଯାଇ ପୁରୀ ପଠାଯାଇଛି । ଗୁରୁବାର ଅପରାହ୍ନରେ ଗଣିଆ ବନବିଭାଗ କାର୍ଯ୍ୟାଳୟ ଠାରୁ ଲକ୍ଷ୍ମୀ ନୃସିଂହ ସଂକୀର୍ତ୍ତନ ମଣ୍ଡଳୀ ଏବଂ ଗଣିଆ ଜଗନ୍ନାଥ ସଂସ୍କୃତି ପରିଷଦ ତରଫରୁ ଏକ ଶୋଭାଯାତ୍ରାରେ ଗଣିଆ ବଜାର ପରିକ୍ରମା କରିଥିଲେ । ଜଗନ୍ନାଥ ପ୍ରେମୀ ଭରତ କୁମାର ସାହୁଙ୍କ ଉଦ୍ୟମରେ ଏହି ସଂକୀର୍ତ୍ତନ ମଣ୍ଡଳୀ ରଥକାଠକୁ ଶୋଭାଯାତ୍ରା କରି ପାଛୋଟି ନେଇଥିଲେ । ଏହି କାର୍ଯ୍ୟକ୍ରମରେ ଏସିଏଫ ଡ଼ ସତ୍ୟଜିତ କର,ଏସିଏଫ ତଥା ଗଣିଆ ରେଞ୍ଜର ସୁମନ ମାଝି, ଫରେଷ୍ଟର ମନୋଜ ପ୍ରଭାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ବନବିଭାଗ ପରିସରରେ ପୂଜାର୍ଚ୍ଚନା କରାଯାଇ ରଥକାଠ ଏକ ଟ୍ରକ ମାଧ୍ୟମରେ ପଠାଯାଇଥିଲା । ହରିବୋଲ ହୁଳହୁଳି ମଧ୍ୟରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ସୂଚନାଯୋଗ୍ୟ ଯେ ଗଣିଆ ବନବିଭାଗ ପ୍ରଚେଷ୍ଟାରେ ଗଣିଆ ବନାଞ୍ଚଳରେ ଥିବା ବିଭିନ୍ନ ଜଙ୍ଗଲରୁ ଫାଶୀ କାଠ ଚିହ୍ନଟ କରାଯାଇ କଟାଯାଇଥିଲା ।

# ସତ୍ୟବାଦୀର ଏମାରମଠ ଏବେ ଜୀର୍ଣ୍ଣ, ଶୀର୍ଣ୍ଣ, ଭଗ୍ନ ଓ ପରିତ୍ୟକ୍ତ



ସତ୍ୟବାଦୀ (ଭିଓଭି): (ଡଃ ରଶ୍ମି ମହାପାତ୍ର) ଏକଦା ସତ୍ୟବାଦୀ ଏମାରମଠ ଭାବରେ ଖ୍ୟାତ ଫଟୋରେ ଦର୍ଶିତ କୋଠାଟି ଏବେ ଜୀର୍ଣ୍ଣ, ଶୀର୍ଣ୍ଣ, ଭଗ୍ନ ଓ ପରିତ୍ୟକ୍ତ ଅବସ୍ଥାରେ। ପରିତ୍ୟକ୍ତ ହୋଇଥିଲେ ମଧ୍ୟ ଏହି କୋଠାଘରଟି ସତ୍ୟବାଦୀ ନିମନ୍ତେ ଏକ ସ୍ମାରକୀ। ଚନ୍ଦନ ପୋଖରୀ ଓ ମନ୍ଦିର କଚେରୀ ଘର ମଝିରେ ଏହି ଏମାରମଠ ଭଗ୍ନ କୋଠାଟି ରହିଛି।ସତ୍ୟବାଦୀ ମୁକ୍ତ ପ୍ରାଙ୍ଗଣ ବିଦ୍ୟାଳୟ ବା ବନ ବିଦ୍ୟାଳୟର ବିଭିନ୍ନ ଉତ୍ସବକୁ ଗୋପବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷା କରି ଅତିଥି ରୂପେ ମହନ୍ତ ଗଦାଧର ରାମାନୁଜ ଦାସ ଯୋଗ ଦେଉଥିବାବେଳେ ଏଠାରେ ବିଶ୍ରାମ ନେଉଥିଲେ ବୋଲି କିମ୍ବଦନ୍ତୀ ଅଛି। ଶ୍ରୀ ସତ୍ୟବାଦୀ ଗୋପୀନାଥ ଦେବ ମନ୍ଦିରରେ ବିଭିନ୍ନ ଯାନିଯାତ୍ରା ଓ ପର୍ବପର୍ବାଣୀରେ ମଧ୍ୟ ମହନ୍ତ ମହାଶୟ ଯୋଗ ଦେଉଥିଲେ। ଚନ୍ଦନଯାତ, ବସନ୍ତରାସ, କୃଷ୍ଣଜନ୍ମ ପରି ଅନେକ ପବିତ୍ର ଦିନରେ ସେ ଏହି ବସାଘରେ ପ୍ରାୟତଃ ବୈଠକ କରୁଥିଲେ। ଜନସାଧାରଣଙ୍କ ଆପତ୍ତି ଅଭିଯୋଗକୁ ସେ ଏଠାରେ ମେଣ୍ଟାଉଥିଲେ। ଅନେକ ବରିଷ୍ଠ ଅତିଥି ଏହି ଘରେ ରହି ଔପଚାରିକ ସେବା ପାଇଥିବା ବିଷୟ ତଥ୍ୟ କୁହେ। ପରବର୍ତ୍ତୀ କାଳରେ ଷାଠିଏ ଦଶକର ମଧ୍ୟ ଭାଗରେ ଏହି ପରିସର ମଧ୍ୟରେ ସତ୍ୟବାଦୀ ବାଳିକା ବିଦ୍ୟାଳୟର ଶିକ୍ଷାଦାନ କର୍ମ, ଶିକ୍ଷକ ଗଣେଶ ତ୍ରିପାଠୀ ମହୋଦୟଙ୍କ ତତ୍ତ୍ୱାବଧାନରେ ଚାଲୁଥିଲା। ପରେ ଝାଟିମାଟି ଘର ହେବା ପରେ ଏଠାରୁ ବାଳିକା ଶିକ୍ଷାନୁଷ୍ଠାନକୁ ସ୍ଥାନାନ୍ତର କରାଯାଇଥିଲା। ଅଶୀ ଦଶକ ପରେ ଏହି କୋଠରୀରେ ଚକବନ୍ଦୀ କାର୍ଯ୍ୟାଳୟ ଚାଲୁଥିବାର ଜଣାଯାଏ। ଅଧୁନା ଏମାରମଠ ଭଗ୍ନ କୋଠାଟି ଅସାଧୁ ଲୋକଙ୍କ ସ୍ୱର୍ଗ ପାଲଟିଛି। ଏହାର ପୁନଃରୁଦ୍ଧାର କରି ସହିତ ଏକ ସ୍ମାରକୀ ଭବନ କରିବା ପାଇଁ ଜନସାଧାରଣ ସ୍ଥାନୀୟ ପ୍ରଶାସନକୁ ଦାବି କରିଛନ୍ତି।

# ରାଜ୍ୟର ଦ୍ୱିତୀୟ ଓ ଦେଶର ୧୦୭ତମ ଜାତୀୟ ପାର୍କ ହେଲା 'ଶିମିଳିପାଳ'

ବାରିପଦା (ଭିଓଭି): ଦୀର୍ଘ ଦିନରୁ ହୋଇ ଆସୁଥିବା ଦାବି ପୂରା ହୋଇଛି। ଅପେକ୍ଷାର ଅନ୍ତ ଘଟିଛି। ଶିମିଳିପାଳ ଅଭୟାରଣ୍ୟକୁ 'ଜାତୀୟ ଉଦ୍ୟାନ'ର ମାନ୍ୟତା ମିଳିଛି। ଏନେଇ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଗୁରୁବାର ଦିନ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥି ସହିତ ରାଜ୍ୟର ଦ୍ୱିତୀୟ ଓ ଦେଶର ୧୦୭ତମ ଜାତୀୟ ପାର୍କ ତାଲିକାରେ ଶିମିଳିପାଳ ଯୋଡ଼ି ହୋଇଯାଇଛି। ରାଜ୍ୟର ପ୍ରଥମ ଜାତୀୟ ପାର୍କ ହେଉଛି ଭିତରକନିକା ଜାତୀୟ ଉଦ୍ୟାନ, ଯାହା କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗରରେ ଅଛି। ଦେଶର ସର୍ବବୃହତ୍




ସଂରକ୍ଷିତ ଜଙ୍ଗଲ ଭାବେ ଶିମିଳିପାଳ ଦଣ୍ଡାୟମାନ। ୧୯୭୯ ଡିସେମ୍ବର ୩ରେ ରାଜ୍ୟ ସରକାର ଏହି ଅଞ୍ଚଳକୁ ପ୍ରସ୍ତାବିତ ଅଭୟାରଣ୍ୟ ଭାବେ ଗ୍ରହଣ କରିଥିଲେ। ୧୯୮୬ରେ ଏହାକୁ ପ୍ରାଥମିକ ସ୍ତରରେ ଜାତୀୟ ଅଭୟାରଣ୍ୟର ମାନ୍ୟତା ପ୍ରଦାନ କରିଥିଲେ। ୧୯୯୪ ଜୁନ୍ ୨୨ରେ ୟୁନେସ୍କୋର ମାନବ ଓ ଜୈବ ମଣ୍ଡଳର କାର୍ଯ୍ୟକ୍ରମ ଅଧୀନରେ ଏହାକୁ ଜୈବମଣ୍ଡଳ ମାନ୍ୟତା ମିଳିଥିଲା। ଓଡ଼ିଶାର ସର୍ବବୃହତ୍ ମୟୂରଭଞ୍ଜର ଆୟତନ ୧୦.୪୧୮ବର୍ଗ କି.ମି. ହୋଇଥିବା ବେଳେ କେବଳ ଶିମିଳିପାଳ ଜୈବମଣ୍ଡଳ ପାଇଁ ୫୫୬୯ ବର୍ଗ କି.ମି. ସଂରକ୍ଷିତ ରହିଛି। ସେଥିମଧ୍ୟରୁ ୨୩୦୬ ବର୍ଗ କି.ମି. ଶିମିଳିପାଳ ସଂରକ୍ଷିତ ଅଭୟାରଣ୍ୟ। ଏହା ସାରା ଦେଶରେ ସର୍ବବୃହତ୍ ଓ ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ ସଂରକ୍ଷିତ ବନକ୍ଷେତ୍ର ଭାବେ ପରିଗଣିତ। ଓଡ଼ିଶାରେ ଥ ?ିବା ୨ଟି ଜାତୀୟ ଉଦ୍ୟାନ ଓ ୧୮ଟି ଅଭୟାରଣ୍ୟ ମଧ୍ୟରୁ ଶିମିଳିପାଳ ଜୈବମଣ୍ଡଳ ଅନ୍ୟତମ। ୨୦୦୯ ମେ ୨୬ରେ ଶିମିଳିପାଳ ବିଶ୍ୱସ୍ତରୀୟକୈବମଣ୍ଡଳ ଭାବେ ୟୁନେସ୍କୋର ୨୧ତମ ଅଧିବେଶନରେ ପୁରସ୍କୃତ ହୋଇଛି।ତେବେ ପ୍ରାଥମିକ ସ୍ତରରେ ଜାତୀୟ ଉଦ୍ୟାନର ମାନ୍ୟତା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୯୮୦ ଅଗଷ୍ଟ ୬ରେ ବନ୍ୟପ୍ରାଣୀ(ସୁରକ୍ଷା) ଆଇନ ୧୯୭୨ର ଧାରା ୩୫(୦୧) ଅନୁଯାୟୀ ଉତ୍ତର ଶିମିଳିପାଳର ୩୦୩ ବର୍ଗ କି.ମି. ଅଞ୍ଚଳକୁ ଜାତୀୟ ଉଦ୍ୟାନ ଭାବେ ଘୋଷଣା କରିବା ପାଇଁ ବିଜ୍ଞପ୍ତି ଜାରି କରାଯାଇଥିଲା। ପରବର୍ତ୍ତୀ ସମୟରେ ୧୯୮୬ରେ ବିଜ୍ଞପ୍ତି ନଂ. ୧୯୫୨୫/ ୮ଏଫ୍ (ଟି) ୮ /୮୫ ଏଫ୍ଏଫ୍ ଏବଂ ଏଚ୍ ?ଏଚ୍ ଦ୍ୱାରା ପୂର୍ବ ଅଧିସୂଚିତ ଅଞ୍ଚଳକୁ ମିଶାଇ ଅଧିକ ୫୪୨.୭ ବର୍ଗ କି.ମି. ଯୋଡ଼ାଯାଇ ମୋଟ ୮୪୫.୭୦ ବର୍ଗ କି.ମି.କୁ ବୃଦ୍ଧି କରାଯାଇଥିଲା। ମାତ୍ର ଧାରା ୩୫(୪) ଅନୁଯାୟୀ ଜାତୀୟ ଉଦ୍ୟାନର ମାନ୍ୟତା ପାଇଁ ଏହାର ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ କରାଯାଇ ନାହିଁ।

# ଓଡ଼ିଶା ଅକ୍ଷୟ ଶକ୍ତି: ୧୧୯୧.୪୭ କୋଟିର ପୁଞ୍ଜିନିବେଶ ପ୍ରସ୍ତାବକୁ ନୀତିଗତ ଅନୁମୋଦନ



ଭୁବନେଶ୍ୱର (ଭିଓଭି): ରାଜ୍ୟ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଅକ୍ଷୟ ଶକ୍ତି ନୀତି-୨୦୨୨ ଆଧାରରେ ଦଶମ ସିଙ୍ଗଲ୍ ୱିଣ୍ଡୋ କମିଟି (ଏସ୍.ଡବ୍ଲ୍ୟୁ.ସି)ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୧୧୯୧.୪୭ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ନୀତିଗତ ଅନୁମୋଦନ କରାଯାଇଛି। ଏହା ସବୁଜଶକ୍ତି ପ୍ରକଳ୍ପ ସ୍ଥାପନ ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି ।ଏହି ଅବସରରେ ବିଶାଲ କୁମାର ଦେବ, ସ୍ଥାୟୀ ଅର୍ଥନୈତିକ ପ୍ରଗତି ନିମନ୍ତେ ଅକ୍ଷୟ ଶକ୍ତିର ମହତ୍ୱ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ପୁଞ୍ଜି ନିବେଶକୁ ସୁଗମ କରିବା ଏବଂ ଅନୁମୋଦିତ ପ୍ରକଳ୍ପ ଗୁଡ଼ିକର ଠିକ ସମୟରେ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ ସରକାର ପ୍ରତିବଦ୍ଧ ବୋଲି ସେ କହିଥିଲେ। ନବମ ସିଙ୍ଗଲ ୱିଣ୍ଡୋ କମିଟି ବୈଠକରେ ଅନୁମୋଦିତ ହୋଇଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସଂପର୍କରେ ଏହି ବୈଠକରେ ସମୀକ୍ଷା କରାଯାଇଥିଲା। ଏଥିରେ ରାଜ୍ୟ ଶକ୍ତି ବିଭାଗ, ଜଳ ସମ୍ପଦ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଗ୍ରିଡକୋ, ଓପିଟିସିଏଲ୍, ଓଏଚପିସି ତଥା ବିଦ୍ୟୁତ ବିତରଣ କମ୍ପାନି ସମୂହର ବିଭିନ୍ନ ବରିଷ୍ଠ ଅଧିକାରୀଙ୍କ ସମେତ ସର୍ବୋଚ୍ଚ ଯନ୍ତ୍ରୀ (ବୈଦ୍ୟୁତିକ) ପ୍ରମୁଖ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସରକାରଙ୍କ ସକ୍ରିୟ ନୀତି ଏବଂ ଶୃଙ୍ଖଳିତ ପ୍ରକ୍ରିୟା ଆଧାରରେ, ରାଜ୍ୟ ଶକ୍ତି ବିଭାଗର ସିଙ୍ଗଲ୍ ୱିଣ୍ଡୋ କମିଟି ଏବଂ ଅକ୍ଷୟ ଶକ୍ତି ନୋଡାଲ ଏଜେନ୍ସି ଗ୍ରିଡକୋ ମାଧ୍ୟମରେ, ଅକ୍ଷୟ ଶକ୍ତି କ୍ଷେତ୍ରରେ ପୁଞ୍ଜି ବିନିଯୋଗ ବଢ଼ିଛି ଏବଂ ଏକ ଅଧିକ ଆତ୍ମନିର୍ଭରଶୀଳ ଓଡ଼ିଶା ପାଇଁ ପଥ ପରିଷ୍କାର ହୋଇଚାଲିଛି। ଏଯାଏଁ, ଅକ୍ଷୟଶକ୍ତି କ୍ଷେତ୍ରରେ ମୋଟ ୧,୭୦୭.୫୬ ମେଗାୱାଟ୍ କ୍ଷମତା ସଂପନ୍ନ ପ୍ରକଳ୍ପ ଲାଗି ୧୨,୩୮୭.୩୬ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ପାଇଁ ସିଙ୍ଗଲ୍ ୱିଣ୍ଡୋ କମିଟି ନୀତିଗତ ଅନୁମୋଦନ ପ୍ରଦାନ କରିଛି।

# ତ୍ରିଭୁବନ ସହକାରୀ ବିଶ୍ୱବିଦ୍ୟାଳୟ ବିଲ୍‌କୁ ଇଫକୋର ସ୍ୱାଗତ

ପାରାଦୀପ (ଭିଓଭି): ତ୍ରିଭୂବନ ସହକାରୀ ବିଶ୍ୱବିଦ୍ୟାଳୟ ବିଲ୍-୨୦୨୫ ଲୋକସଭା ଓ ରାଜ୍ୟସଭାରେ ପାରିତ ହୋଇଛି । ଏହି ବିଲ୍ ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ ତଥା ଗୃହମନ୍ତ୍ରୀ ଅମିତ୍ ଶାହା ଘୋଷଣା କରିଛନ୍ତି । ସ୍ୱାଧୀନତାର ୭୫ ବର୍ଷ ପରେ ଦେଶରେ ପ୍ରଥମ ସମବାୟଭିତ୍ତିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ପ୍ରଥମ ଘଟଣା । ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ପରେ ଦେଶ ପ୍ରଥମ ସମବାୟଭିତ୍ତିକ ବିଶ୍ୱବିଦ୍ୟାଳୟ ପାଇଛି ବୋଲି ବିଭାଗୀୟ ମନ୍ତ୍ରୀ ତଥା ଗୃହମନ୍ତ୍ରୀ ଅମିତ୍ ଶାହା କହିଛନ୍ତି । ଗ୍ରାମ୍ୟ ଅର୍ଥନିତୀ ବିକାଶକୁ ଏହା ବିକାଶ କରିବା ସହିତ କ୍ଷୁଦ୍ର ଉଦ୍ୟୋଗୀମାନେ ଏହା ଦ୍ୱାରା ଲାଭବାନ ହେବେ । ସମଗ୍ର ଦେଶରେ ନୂଆ ସମବାୟବିତ୍‌ମାନଙ୍କୁ ସୃଷ୍ଟି କରିବାରେ ଏହି ବିଶ୍ୱବିଦ୍ୟାଳୟ ସହାୟକ ହେବା ସହିତ ନୂଆ ଶିକ୍ଷାନିତିରେ ସହାୟକ ହେବ ବୋଲି ସେ କହିଥିବା ନେଇ ଇଫକୋ ପକ୍ଷରୁ ସୂଚନା ମିଳିଛି । ଇଫକୋର ପରିଚାଳନା ନିର୍ଦ୍ଦେଶକ ଡ. ଉଦୟ ଶଙ୍କର ଅଓସ୍ତି ଏହି - ତ୍ରିଭୂବନ ସହକାରୀ ବିଶ୍ୱବିଦ୍ୟାଳୟ ବିଲ୍-୨୦୨୫କୁ ସମର୍ଥନ କରିବା ସହିତ ଏହା ଏକ ଐତିହାସିକ ପଦକ୍ଷେପ ବୋଲି କହିଛନ୍ତି । ସମବାୟ କ୍ଷେତ୍ରରେ ଏହା ଏକ ଯୁଗାନ୍ତକାରୀ ବିଲ୍ ବୋଲି କହିବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପଦକ୍ଷେପକୁ ସେ ସ୍ୱଗତ କରିଛନ୍ତି । ସମବାୟ ତଥା ଗୃହମନ୍ତ୍ରୀ ଅମିତ ଶାହାଙ୍କ ଭାରତର କୃଷୀକ୍ଷେତ୍ରକୁ ବଡ ଅବଦାନ ବୋଲି କହିଥିବା ନେଇ ଇଫକୋ ପକ୍ଷରୁ ପ୍ରକାଶିତ ଇସ୍ତାହାରରୁ ସୂଚନା ମିଳିଛି । ଏହି ବିଶ୍ୱବିଦ୍ୟାଳୟରେ ସ୍ୱଳ୍ପକାଳୀନ ସମବାୟ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀମାନେ ଶିକ୍ଷ୍ୟାବ୍ୟବସ୍ଥାରେ ଶିକ୍ଷାଲାଭ କରି ଦେଶକୁ ନୂଆ ଦିଶା ଦେଇ ପାରିବେ । ଏହା ଦ୍ୱାରା ସେମାନଙ୍କ ଦକ୍ଷତାବିକାଶରେ ସହାୟକ ହେବ ବୋଲି ଜଣାପଡିଛି ।

# ଜଳଯୋଗାଇ ପାରୁନି ମେଗା ଜଳ ପ୍ରକଳ୍ପ



କେନ୍ଦୁଝର,(ଭିଓଭି): କେନ୍ଦୁଝର ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଓ ଅମ୍ବାଡିସି ପାଣ୍ଠିରୁ ଚମ୍ପୁଆ, ଯୋଡ଼ା, ଝୁମ୍ପୁରା,ସଦର ଅଞ୍ଚଳର ଗ୍ରାମ ଓ ପ୍ରତ୍ୟେକ ଘରକୁ ପାଇପ ମାଧ୍ୟମରେ ପିଇବା ପାଣି ଯୋଗାଇବାର ବ୍ୟବସ୍ଥା କରାଯାଇଛି। ଚମ୍ପୁଆ ସବଡିଭିଜନ କାନପୁର ଡ୍ୟାମ ନିକଟ ମିରିଗିସିଙ୍ଗା ବୈତରଣୀ ନଦୀଠାରେ ମେଗା ଜଳ ପ୍ରକଳ୍ପ ୨୦୧୯ ମସିହାରେ ଠିକାଦାରଙ୍କ ଦ୍ୱାରା କାର୍ଯ୍ୟ ଆରମ୍ଭ ହୋଇଥିଲା। ଦୀର୍ଘ ୭ ବର୍ଷ ବିତିବାକୁ ବସିଛି। ଧାର୍ଯ୍ୟ ପାଣ୍ଠି ଠାରୁ ଢେର ଅଧିକ ଟଙ୍କା ଖର୍ଚ୍ଚ ମଧ୍ୟ ହୋଇଛି କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ମେଗା ଜଳ ପ୍ରକଳ୍ପଟି ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ବିଭିନ୍ନ ସ୍ଥାନରେ ଓଭରହେଡ ଟାଙ୍କି ଓ ସବଷ୍ଟେସନ ନିର୍ମାଣ ସରିଛି।ବିଭିନ୍ନ ପଞ୍ଚାୟତରେ ଥିବା ଗ୍ରାମ ଗୁଡିକରେ ପ୍ରତ୍ୟେକ ଘରକୁ ଘର ମଧ୍ୟ ପାଇପ ଓ ଷ୍ଟାଣ୍ଡପୋଷ୍ଟ ଖଞ୍ଜା ମଧ୍ୟ ସରି ଥିଲେ ମଧ୍ୟ ବିଭିନ୍ନ ଗ୍ରାମ ଗୁଡିକରେ ଆଜି ପର୍ଯ୍ୟନ୍ତ ପାଇପ କିମ୍ବା ଟ୍ୟାପ ଖଞ୍ଜା ଯାଇ ନାହିଁ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ୨୦୨୫ ମସିହା ଜାନୁୟାରୀ ମାସ ସୁଦ୍ଧା ବିଶୁଦ୍ଧ ପିଇବା ପାଣି ପ୍ରତେକ ଗ୍ରାମ ଓ ପ୍ରତ୍ୟେକ ଘରକୁ ପାଇପ ମାଧ୍ୟମରେ ବିଶୁଦ୍ଧ ପିଇବା ପାଣି ଯୋଗାଇବାର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପାଇପ ମାଧ୍ୟମରେ ପାଣି ମଧ୍ୟ ଛଡ଼ା ଗଲା। କିନ୍ତୁ ଠିକାଦାର ପାଣି ପାଇପ, ଯନ୍ତ୍ରାଂଶ ଓ ସରଞ୍ଜାମ ଗୁଡିକ ଏତେ ନିମ୍ନମାନର ଖଞ୍ଜି ଛନ୍ତି ଯାହା ଫଳରେ ପାଣି ଛାଡ଼ିବା କ୍ଷଣି ବିଭିନ୍ନ ସ୍ଥାନରେ ପାଇପ ଫାଟି ଯାଉଥିବାବେଳେ ପାଣି ଟିକକ ମିଳିବା ସାତ ସପନ ହୋଇପଡିଛି। ଏହାପରେ ମଧ୍ୟ ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ବିଭିନ୍ନ ସ୍ଥାନରେ ଖଞ୍ଜା ଯାଇଥିବା ସରଞ୍ଜାମ ଗୁଡିକ ଭାଙ୍ଗି ରୁଜି ଗଲାଣି।ତେଣୁ ଏହି ମେଗା ଜଳ ପ୍ରକଳ୍ପଟି ଜଳଯୋଗାଣରେ ଫେଲ ମାରିଥିବା ଅଭିଯୋଗ ହୋଇଛି। ବହୁ ଗ୍ରାମକୁ ପାଇପ ମାଧ୍ୟମରେ ପାଣି ଯାଉଥିବାବେଳେ ସଠିକ ଭାବେ ଠିକାଦାର କାମ କରିନଥିବାରୁ କେତେବେଳେ କଉ ସାହିକୁ ପାଣି ଯାଉଛି ତ କେତେବେଳେ କଉ ସାହିରେ ପାଣି ବନ୍ଦ ରହୁଛି। ସଦରବ୍ଲକ ଗୋବର୍ଦ୍ଧନ, ଶଙ୍କରୀ, ହାଣ୍ଡିଭଙ୍ଗା, କାଉଁରିକଳା ରାଇକଳା ଆଦି ପଞ୍ଚାୟତକୁ ୨/୩ ଦିନରେ ଥରେ ପାଣି ଛଡା ଯାଉଥିବାବେଳେ ବହୁ ସମୟରେ ପାଣି ଛଡା ଯାଉନାହିଁ। ଚମ୍ପୁଆ, ଝୁମ୍ପୁରା, ଯୋଡ଼ା ଓ ସଦରବ୍ଲକରେ ଥିବା ବହୁ ପଞ୍ଚାୟତ ଗୁଡିକୁ ଆଜି ପର୍ଯ୍ୟନ୍ତ ପାଇପ ସଂଯୋଗ ହୋଇ ନାହିଁ। ଠିକାଦାର ଦ୍ୱାରା ୫ବର୍ଷ ଗ୍ୟାରେଣ୍ଟି ରହିଥିବାବେଳେ ଦୀର୍ଘ ୭ବର୍ଷ ହେବାକୁ ବସିଲାଣି ଠିକାଦାର ଛୁ ମାରିବ ନାହିଁ ତ ବୋଲି ଗ୍ରାମବାସୀ ମାନେ ଆଶା ଓ ଆଶଙ୍କାରେ ରହିଛନ୍ତି। ଗ୍ରୀଷ୍ମ ପ୍ରଭାବ ଜାରି ରହିଥିବାବେଳେ ଲୋକେ ଗରମ ଗୁଳି ଗୁଳିରେ ଅସ୍ତବ୍ୟସ୍ତ ହୋଇ ପଡିଛନ୍ତି।ଗ୍ରୀଷ୍ମ ପ୍ରଭାବରେ କୁଅ, ବନ୍ଧ ପୋଖରୀର ପାଣି ଶୁଖି ଗଲାଣି। ପାଣି ଟିକକ ପାଇଁ ଲୋକେ ଡହଳ ବିକଳ ହେଉଛନ୍ତି। ଗ୍ରାମରୁ ସହର ସବୁଆଡେ ଜଳ କଷ୍ଟ ଦେଖା ଯାଇଛି। ପାଣି ପାଇଁ ଚାରିଆଡେ ହାହାକାର। ଜିଲ୍ଲାପାଳ ଏହି ମେଗା ଜଳ ପ୍ରକଳ୍ପଟି ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହିତ ଅଧୁରା ରହିଥିବା କାର୍ଯ୍ୟକୁ ଯୁଦ୍ଧ କାଳୀନ ଭିତ୍ତିରେ ସାରିବା ଓ ପାଣିକୁ ସକାଳେ ଓ ସଂଧ୍ୟାରେ ଛାଡିବାର ବ୍ୟବସ୍ଥା କରିବା ଏବଂ ଅସାଧୁ ଠିକାଦାର ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଯୁବ ଓ ଶ୍ରମ ବିକାଶ ମଞ୍ଚ କେନ୍ଦୁଝରଗଡ ସଭାପତି ରଞ୍ଜନ କୁମାର ବେହେରା, ସାଧାରଣ ସମ୍ପାଦକ ଶୈଳବାଳା ପରିଡ଼ା, ପୁଷ୍ପାଞ୍ଜଳି ବେହେରା, ରଞ୍ଜିତା ବେହେରା, ତୁଳସୀ ପାତ୍ର, ସରୋଜ କୁମାର ସାହୁ, ବିପିନ ବିହାରୀ ମିଶ୍ର, ପ୍ରେମା ସିଂ ପ୍ରମୁଖ ନିବେଦନ କରିଛନ୍ତି।

## ପାନୀୟ ଜଳ ପାଇଁ ହନ୍ତସନ୍ତ ଗ୍ରାମବାସୀ, ଗାଁ ରାସ୍ତାରେ ଗରା ବାଲ୍‌ଟି ରଖି ପ୍ରତିବାଦ



ମହାକାଳପଡ଼ା (ଭିଓଭି): ରାଜ୍ୟ ରେ ଗ୍ରୀଷ୍ମ ପ୍ରଭାବ ଜାରି ରହିଛି । ଅସହ୍ୟ ତାତିପ୍ରବାହିତ ହେଉଛି । ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି ଗ୍ରାମବାସୀ, ଗାଁ ମୁଣ୍ଡରେ ନିର୍ମାଣ ହୋଇଛି ଓଭର ହେଡ ପାଣି ଟାଙ୍କୀ ଗାଁରେ ପାଣି ପାଇପ୍ ଲାଇନ୍ ଯାଇଛି । ଗାଁ ଦାଣ୍ଡରେ ପାଣି ଟ୍ୟାପ ନିର୍ମାଣ ହୋଇଛି । କିନ୍ତୁ ଅଚଳ ହୋଇପଡିରହିଛି । ନଳକୂପରୁ ଲୁଣା ପାଣି ବାହୁରିଛ ତାହା ବ୍ୟବହାର ଯୋଗ୍ୟ ନୁହେଁ । ପାଣି ଟୋପେ ପାଇଁ ମହିଳାମାନେ ଗରା ବାଲଟି ଧରି ଦୂର ସ୍ଥାନକୁ ଯିବାକୁ ପଡୁଛି । ବାଧ ହୋଇ ଦୂଷିତ ନଦୀ ପାଣି ବ୍ୟବହାର କରୁଛନ୍ତି ଗ୍ରାମବାସୀ । ଦିନେ କି ଦୁଇ ଦିନ ନୁହେଁ ଦୀର୍ଘ ଦିନ ହେବ ଜଳ ସମସ୍ୟା ଲାଗିରହିଛି । ପ୍ରଶାସନକୁ ଅଭିଯୋଗ କରି ନୟାନ୍ତ ହେଲେଣି ଗ୍ରାମବାସୀ । ସମସ୍ୟା ସମାଧାନ ହେଉନଥିବା ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲା ମହାକାକପଡା ବ୍ଲକ ବଡ଼ କୁଳ ପଂଚାୟତର ଆଇତି ପୁର ଓ କରମକୁଳ ଗ୍ରାମବାସୀ । ଦୁଇଟି ଗ୍ରାମର ତିନିଶହରୁ ଉର୍ଦ୍ଧ ପରିବାର ଉତ୍କଟ ଜଳ ସଙ୍କଟ ସମସ୍ୟା ଦେଖିବାକୁ ମିଳିଛି । ଗାଁକୁ ବଣ୍ଟନ ପାଇଁ ଯାଉଥିବା ପାଣି ଗାଡି ତାହା ସମୁଦ୍ର କୁ ଶଙ୍ଖେ ଭଳି । ପାଣି ଗାଡ଼ି କୁ ଅଟକାଇ ରାସ୍ତା ଉପରେ ଏକାଠି ହୋଇ ପ୍ରତିବାଦ କରିଛନ୍ତି ଗ୍ରାମବାସୀ । ତୁରନ୍ତ ଜଳ ସମସ୍ୟା ଦୂର କରିବା ସହିତ ସ୍ଥାୟୀ ସମାଧାନ କରିବା ପାଇଁ ଦାବୀ କରିଛନ୍ତି ।

## ଅବହେଳିତ ଅବସ୍ଥାରେ ଦୁର୍ବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର




ବ୍ରହ୍ମପୁର (ଭିଓଭି): କଥାରେ ଅଛି ପୁନାସ ଦନ୍ତ ନାହିଁ, ଗୃହ ନିର୍ମିତ ଅବସ୍ଥା କିପରି । ପୁର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନ ର ହିଞ୍ଜିଳି ବିଧାୟକଙ୍କ ନିର୍ବାଚନ ମଣ୍ଡଳୀ ବିଷୟ କହିଲେ ନସରେ । ପୁର୍ବେ ନବୀନ ବାବୁଙ୍କ ନାମ ତଳକୁ ହେବ ବୋଲି କହି ବହୁ ଦୁର୍ନୀତି ହେଉଥିଲା। ବର୍ତ୍ତମାନ ତାହାର ଅବସ୍ଥା ଗୁରୁତର । ହିଞ୍ଜିଳି ବ୍ଲକରେ ନବୀନ ବାବୁଙ୍କ ଅମଳରେ ବହୁ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପାଦିତ ହୋଇଛି । କିନ୍ତୁ ସ୍ୱାସ୍ଥ୍ୟ ସେବାକୁ ନେଇ ଉଭୟ ବିଜଦ ଓ ବିଜେପି ଡିମିଡିମ ପିଟୁଥିବା ବେଳେ ବର୍ତ୍ତମାନ ହିଞ୍ଜିଳି ବ୍ଲକର ଦୁର୍ବନ୍ଧ ପଞ୍ଚାୟତର ପ୍ରାଥମିକ ସ୍ୱାସ୍ଥ୍ୟ ସେବା କେନ୍ଦ୍ରର ବିକଳ ଚିତ୍ର କହିଲେ ନ ସରେ । ସ୍ୱାସ୍ଥ୍ୟ ସେବା କେନ୍ଦ୍ରର ନିର୍ମାଣ ହୋଇସାରିଥିଲେ ମଧ୍ୟ ଆର୍ଥିକ ବର୍ଷ ୨୨/୨୩ ରେ ନାଗରିକ ସୁଚନା ଫଳକ ପ୍ରକାରେ ଉକ୍ତ କେନ୍ଦ୍ରର ପାଚେରୀ ନିର୍ମାଣ , ବିଦ୍ୟୁତ ସଂଯୋଗ କରଣ ତଥା ବିଦ୍ୟୁତ କରଣ ଜଳ ସଂଯୋଗ କରଣ ଓ ପରିମଳ ବ୍ୟବସ୍ଥା ପାଇଁ ୪,୩୩,୯୨୪ ଟଙ୍କା ଯୋଗାଣ ହୋଇଥିଲେ ମଧ୍ୟ ସେହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଳ ସଂଯୋଗ, ବିଦ୍ୟୁତ ସଂଯୋଗ, ଓ ପାଚେରୀ ନିର୍ମାଣ ଅଦ୍ୟାବଧି ହୋଇନାହିଁ ।ଏପରିକି ପରିମଳ ବ୍ୟବସ୍ଥା ମଧ୍ୟ ବିପର୍ଯ୍ୟସ୍ତ ଥିବା ଦେଖିବାକୁ ମିଳିଛି। ଉକ୍ତ ସୁଚନାଫଳକ ପ୍ରକାରେ କାର୍ଯ୍ୟକାରିତା ପ୍ରାୟ ବର୍ଷ ୨ବର୍ଷ ଉପରେ ଥିଲେ ମଧ୍ୟ ଏହି ସବୁ କାର୍ଯ୍ୟ ନିର୍ମାଣର ସମୟ ସୀମା, ନାଗରିକ ସୁଚନାଫଳକରେ ଲେଖା ନଯିବା, ସ୍ୱାସ୍ଥ୍ୟ ସେବା ଚାଲୁ ରହିଥିଲେ ମଧ୍ୟ ବିଦ୍ୟୁତ ସଂଯୋଗ କରଣ, ଜଳ ଯୋଗାଣ ଓ ପାଚେରୀ ନିର୍ମାଣ ହୋଇନଥିବାରୁ ଉଭୟ ସ୍ୱାସ୍ଥ୍ୟ କର୍ମୀ ଓ ଚିକିତ୍ସା ହେବାକୁ ଆସୁଥିବା ରୋଗୀମାନେ ବହୁବିଧ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ହିଞ୍ଜିଳି ବ୍ଲକ ଅଧିନ ବୌଷୟୀକ ବିଭାଗୀୟ ର କର୍ମଚାରୀଙ୍କ ଅବହେଳା ଯୋଗୁଁ ଏହି ଘଟଣା ହୋଇଛି ବୋଲି ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସ୍ୱାସ୍ଥ୍ୟ କେନ୍ଦ୍ର ଭଳି ସ୍ୱର୍ଷ କାତର ବିଭାଗକୁ ଏଭଳି ଅବହେଳା କରାଯିବା ଉଚିତ ନୁହେଁ ବୋଲି ଜନ ଅସନ୍ତୋଷ ବୃଦ୍ଧି ପାଉଛି । ଉକ୍ତ ବିଷୟକୁ କେନ୍ଦ୍ର କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ସାଧାରଣରେ ଦାବି ହୋଉଛି ।

## ଉପାନ୍ତରେ ରାସ୍ତା ଯନ୍ତ୍ରଣା ହଇରାଣରେ ପଞ୍ଚାୟତବାସୀ



ଖଡ଼ିଆଳ (ଭିଓଭି): ଉପାନ୍ତ ଇଲାକାରେ ବର୍ଷବର୍ଷ ଧରି ରାସ୍ତା ଯନ୍ତ୍ରଣା ଭୋଗୁଛନ୍ତି ଦୁଇଟି ପଞ୍ଚାୟତ ବାସି । ଖାଲ ଖମା ଭଙ୍ଗା ଦଦରା ରାସ୍ତାରେ ଯାତାୟତ କରି ହଇରାଣ ହେଉଛନ୍ତି ଲୋକେ । ନୂଆପଡ଼ା ଜିଲ୍ଲା ଉପାନ୍ତ ଇଲାକା ବୋଡ଼େନ ବ୍ଲକ ଦହନାପାଲି- ବାବେବୀର ରାସ୍ତା ମରଣଯନ୍ତା ପାଲଟିଛି । ଅଣ ଓସାରିଆ ଅଙ୍କାବଙ୍କା ରାସ୍ତାରେ ଡରି ଡରି ହେଉଛି ଯିବା ଆସିବା । ଅତି ବିପଦପୂର୍ଣ୍ଣ ଭାବେ ସରକାରୀ ବସ ଚାଲୁଥିବାବେଳେ ରାସ୍ତା ସମସ୍ୟା ପ୍ରତି କାହାର ନଜର ନାହିଁ । ଦୈନିକ ଦୁର୍ଘଟଣା ଘଟୁଛି । ନୂଆପଡ଼ା ବୋଡ଼େନରୁ ଦେଖିବା ଏହି ରିପୋର୍ଟ ଉପାନ୍ତ ଇଲାକାରେ ସୁଧୁରୁନୀ ରାସ୍ତା ସମସ୍ୟା । ଦହନାପାଲି- ବାବେବୀର ରାସ୍ତା ପାଲଟିଛି ମରଣଯନ୍ତା । ଭଙ୍ଗା ଦଦରା ଖାଲ ଖମା ରାସ୍ତାରେ ହେଉଛି ଯାତାୟତ । ଏ ହେଉଛି ନୂଆପଡ଼ା ଜିଲ୍ଲା ଦୁର୍ଗମ ଉପାନ୍ତ ଇଲାକାର ବୋଡ଼େନ ବ୍ଲକର ଦହନାପାଲି- ବାବେବୀର ରାସ୍ତା ଅବସ୍ଥାର ଦୃଶ୍ୟ । ରାସ୍ତାରେ ଖାଲ ଖମା ସୃଷ୍ଟି ହୋଇ ଗିଟି ଉପୁଡି ପଡୁଛି । ବଡ଼ ବଡ଼ ଖାଲ ବିପଦକୁ ଆମନ୍ତ୍ରଣ କରୁଥିବା ବେଳେ ଅଣ ଓସାରିଆ ଏହି ରାସ୍ତାର ଦୁଇ ପାର୍ଶ୍ୱରେ ବିଭିନ୍ନ ଗଛଲତା ଭର୍ତି ହୋଇରହିଛି । ବର୍ଷବର୍ଷ ଧରି ଏହି ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡିଛି । ଏହି ଖରାପ ରାସ୍ତା ରେ ଯାତାୟାତ କରି ଅନେକ ସମୟରେ ଦୁର୍ଘଟଣା ଘଟୁଛି । ଦୈନିକ ଡରି ଡରି ଅଞ୍ଚଳ ବାସି ଯାତାୟାତ କରୁଛନ୍ତି ଏହି ରାସ୍ତା ଉପରେ ଲିଟିସର୍ଗି ଏବଂ ବାବେବୀର ପଞ୍ଚାୟତ ବିଭିନ୍ନ ଗାଁ ଲୋକେ ଯାତାୟାତ କରନ୍ତି । ପଞ୍ଚାୟତ ଅଫିସ, ବ୍ଲକ ଅଫିସ, ସ୍କୁଲ ଯିବାକୁ ହେଲେ ଏହା ମୁଖ୍ୟ ରାସ୍ତା କ୍ଷ ଏହି ରାସ୍ତାରେ ଚାଲୁଥିବା ଗୋଟିଏ ସରକାରୀ ବସ ମଧ୍ୟ ଡରିଡରି ବିପଦପୂର୍ଣ୍ଣ ଭାବେ ଚାଲୁଛି । ଏହି ରାସ୍ତାକୁ ଓସାରିଆ ଏବଂ ଭଲ ଧରଣ ର ରାସ୍ତା ଟିଏ ନିର୍ମାଣ ପାଇଁ ଦାବୀ ହେଉଛି, ହେଲେ କେହି ଶୁଣୁ ନ ଥିବା ବେଳେ ଖରାପ ରାସ୍ତା ସମସ୍ୟା ପ୍ରତି ମଧ୍ୟ କାହାର ନଜର ନାହିଁ । ଏ ନେଇ ଖଡ଼ିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କୁ ପଚାରିବାରୁ ସମସ୍ୟା ପ୍ରତି ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି ଖରାପ ରାସ୍ତାରେ ଯାତାୟତ କରୁଛନ୍ତି ଉପାନ୍ତ ବାସି ହେଲେ ରାସ୍ତା ସମସ୍ୟା ପ୍ରତି ବିଭାଗ ର ନଜର ନାହିଁ । ଦହନାପାଲି- ବାବେବୀର ରାସ୍ତା ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ଦାବୀ ହୋଇଛି ।

# THE CAMOUFLAGED MIRAGE



Snehashis Samantaray
Ph - 8455883787

"Make America Great Again!!!!!!"The slogan continues to reverberate across the United States, as the Republican Candidate, Donald Trump successfully captures the throne of the white house by winning the much-anticipated US presidential elections with a huge margin. The advent of the Trump administration may touch upon significant changes across multiple domains in the form of market performance, H-1B visas, relations with Israel, Europe, Americanneighbours&India, the Russia-Ukraine war and the most significant cross-border migration.

A series of incidents earmarked in the geopolitical landscape shattered the trajectory of theIndo-USA ties as well as questioned the existence, operations and righteousness of the international treaties and conventions on the global stage, the most significant one being the "World Conference on Human Rights, Vienna, 1993". In the events that unfolded, American authorities deported a section of immigrants who had entered illegally into the country after covering a treacherous route through Turkey, Panama, El Salvador, and Mexico (DUNKI route), which involves traversing multiple difficult terrains, i.e.from the deserts of North Africa to the dense forests of El Salvador & Panama accompanied withthe dry climatic conditions of Latin America and finally galloping the infamous Mexican Wall on USA-Mexico border.A large section of immigrants mainly hail from Haryana, Punjab, Gujarat, and Telangana. Based on the interview footage released by The Hindu (on their Instagram handle), Firstpost, and WION, it can be inferred that the average amount spent by an individual to migrate into the United States illegally ranged from Rs. 80 Lakh to Rs. 5-6 Crores. However, the huge elephant in the roomis not theissue of migration but the way of deporting the migrants. The terrifying scenes witnessed on the tarmac of the Palam Airbase (with people being handcuffed and chained) reflected the grossly inhumane treatment received on their way back to India. Thus, the expected golden ticket to the vibrant nation turned out to be a pure mirage for the huge mass, attracting criticism from multiple organizations and governments.

Being a signatory to organizations (United Nations High Commissioner for Refugees(UNHCR), United Nations International Children's Emergency Fund(UNICEF), International Red Cross and Red Crescent Movement) and treaties (World Conference on Human Rights, Vienna, 1993), directly or indirectly associated with human rights it is evident that India never endorses illegal migration and forceful occupancy of legal places, however, India has also maintained necessary protocols, decorum, humanity and ethical code of conduct while deporting the migrants back to their home territory in the past.Considering the prevalent circumstances, there exists a substantial need for implementing the conventions dutifully alongside ensuring that the rules, regulations, and norms are followed uniformly across the countries to pave the way for realising the truest essence and spirit of human rights.

# "Green is the New Gold: Why Our Future Depends on Trees, Not Towers"



Nihar Ranjan Acharya


In a world rapidly chasing concrete dreams and digital desires, the humble tree stands as a silent warrior—protecting, nurturing, and sustaining life. Yet, it's the very element we've been mercilessly chopping down in the name of development. The time has come to recognize a harsh truth: without a green tomorrow, there will be no tomorrow at all.

**The Vanishing Canopy**

Urbanization has swallowed forests, and what once echoed with birdsong now hums with traffic. According to recent studies, Earth is losing over 10 million hectares of forest every year. That's equivalent to 27 soccer fields a minute. The cost? Clean air, biodiversity, climate stability—and life itself.

Trees: The Unsung Heroes

Trees are not just wood and leaves; they are natural air conditioners, carbon sinks, water purifiers, and biodiversity shelters. One mature tree can absorb 48 pounds of $CO_2$ annually, cool neighborhoods by up to 10 degrees, and provide oxygen for two people. Yet we often replace them with malls, highways, and apartment complexes—blindly trading breath for bricks.




Development vs. Sustainability: A False Choice

Development and environment are not enemies; they must be allies. Green architecture, vertical gardens, urban forests, and sustainable planning are ways to grow forward without cutting backwards. In places like Singapore and Curitiba (Brazil), trees and technology coexist, proving that progress can indeed have roots.

What Can We Do?

- Plant more trees—and protect the ones we have.
- Say no to unnecessary deforestation.
- Support green laws and leaders.
- Adopt eco-friendly habits—from paperless living to rainwater harvesting.

Conclusion: A Forest is a Future

It's time we redefined wealth. Not in concrete blocks or digital coins, but in canopies and clean air. As the climate crisis intensifies, the need to go green isn't just a slogan—it's survival. Let us not be the generation remembered for cutting down the last tree. Let us be the generation that planted the first forest of change.

Because in the end, green isn't just a color. It's life.

*Founder and Working Director, Trust*
*Ph. 8249775817*
*Email: niharacharya1973@gmail.com*



# ସ୍ୱାଧୀନତା ସଂଗ୍ରାମୀମାନଙ୍କ ଉପରେ ମନ୍ତବ୍ୟରୁ ବିରତ ରହିବାକୁ ନିର୍ଦ୍ଦେଶ: ରାହୁଲ ଗାନ୍ଧୀଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା



ନୂଆଦିଲ୍ଲୀ,(ଭିଓଭି): ସୁପ୍ରିମକୋର୍ଟ କଂଗ୍ରେସ ନେତା ତଥା ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କୁ ସ୍ୱାଧୀନତା ସଂଗ୍ରାମୀ ବୀର ସାଭରକରଙ୍କ ବିଷୟରେ ଦିଆଯାଇଥିବା ମନ୍ତବ୍ୟ ପାଇଁ କଡ଼ା ଭର୍ତ୍ସନା କରିଛନ୍ତି। ଅଦାଲତ ଏହାକୁ "ଦାୟିତ୍ୱହୀନ" ମନ୍ତବ୍ୟ ବୋଲି ଅଭିହିତ କରି ରାହୁଲ ଗାନ୍ଧୀଙ୍କୁ ଭବିଷ୍ୟତରେ ଏଭଳି ବୟାନ ଦେବାରୁ ବିରତ ରହିବାକୁ ଚେତାବନୀ ଦେଇଛନ୍ତି। ଅଦାଲତ ଆହୁରି କହିଛନ୍ତି ଯେ ଏଭଳି ମନ୍ତବ୍ୟ ଜାରି ରହିଲେ ସେ ନିଜ ପକ୍ଷରୁ ମାମଲା ଗ୍ରହଣ କରିପାରନ୍ତି। ରାହୁଲ ଗାନ୍ଧୀଙ୍କ ବିରୁଦ୍ଧରେ ଅଭିଯୋଗ ରହିଛି ଯେ ସେ ବିଭିନ୍ନ ଜନସଭା ଏବଂ ବୟାନରେ ବୀର ସାଭରକରଙ୍କ ସ୍ୱାଧୀନତା ସଂଗ୍ରାମରେ ଭୂମିକା ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ସାଭରକର ବ୍ରିଟିଶ ସରକାରଙ୍କୁ ଦୟାଯାଚନା ପତ୍ର ଲେଖିଥିଲେ ଏବଂ ସେମାନଙ୍କ ସହ ସହଯୋଗ କରିଥିଲେ। ଏହି ବୟାନକୁ ନେଇ ସାଭରକରଙ୍କ ପରିବାର ଏବଂ ଅନେକ ରାଜନୈତିକ ଗୋଷ୍ଠୀ ଆପତ୍ତି ଉଠାଇଥିଲେ। ସାଭରକରଙ୍କ ନାତୁଣୀ ସତ୍ୟାକୀ ସାଭରକର ପୁଣେର ଏକ ଅଦାଲତରେ କହିଥିଲେ ଯେ ରାହୁଲଙ୍କ ମନ୍ତବ୍ୟର ସାଭରକରଙ୍କ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ ସହ କୌଣସି ସମ୍ପର୍କ ନାହିଁ। ଏହା ବ୍ୟତୀତ, ସାଭରକରଙ୍କ ପରିବାର ରାହୁଲଙ୍କ ବିରୁଦ୍ଧରେ ମାନହାନି ମାମଲା ଦାୟର କରିଥିଲେ। ଶୁକ୍ରବାର ଏକ ଶୁଣାଣି ସମୟରେ ସୁପ୍ରିମକୋର୍ଟ ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟକୁ "ଅନୁଚିତ" ଏବଂ "ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଅବମାନନା" ବୋଲି ଅଭିହିତ କରିଛନ୍ତି। ଅଦାଲତ କହିଛନ୍ତି, "ଆମେ ଆମର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଅବମାନନା କରିବାକୁ ଦେଇପାରିବୁ ନାହିଁ। ଏହା ଦେଶର ଇତିହାସ ଏବଂ ସମ୍ମାନର ପ୍ରଶ୍ନ।" ଅଦାଲତ ରାହୁଲଙ୍କୁ ଚେତାବନୀ ଦେଇ କହିଛନ୍ତି ଯେ ଭବିଷ୍ୟତରେ ଏଭଳି ମନ୍ତବ୍ୟ ଦେଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ। ଏହା ସହିତ, ଅଦାଲତ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ସାଭରକରଙ୍କ ଯୋଗଦାନ ଉପରେ ଐତିହାସିକ ତଥ୍ୟ ଆଧାରରେ ଆଲୋଚନା ହେବା ଉଚିତ, କିନ୍ତୁ ଏହା ଅବମାନନାକର ହେବା ଉଚିତ ନୁହେ। ରାହୁଲ ଗାନ୍ଧୀ ପୂର୍ବରୁ କହିଛନ୍ତି ଯେ ସେ ସାଭରକରଙ୍କ ବିଷୟରେ ଐତିହାସିକ ତଥ୍ୟ ଆଧାରରେ ମନ୍ତବ୍ୟ ଦେଇଛନ୍ତି। ସେ ଅଦାଲତରେ ଏହା ମଧ୍ୟ ଅନୁରୋଧ କରିଥିଲେ ଯେ ଏହି ମାମଲାର ସମ୍ପୂର୍ଣ୍ଣ ତଦନ୍ତ କରାଯାଉ ଯାହା ଦ୍ୱାରା ଐତିହାସିକ ଦସ୍ତାବିଜ୍ ଗୁଡ଼ିକ ସାମ୍ନାକୁ ଆସିପାରିବ। ତଥାପି, ସୁପ୍ରିମକୋର୍ଟଙ୍କ ଏହି ଚେତାବନୀ ପରେ ରାହୁଲ ଗାନ୍ଧୀ ବା ତାଙ୍କ ଦଳ ତରଫରୁ ତୁରନ୍ତ କୌଣସି ସରକାରୀ ପ୍ରତିକ୍ରିୟା ମିଳିନାହିଁ।

# ଡାକ୍ତର ଦାମୀ ମେଡିସିନ ଲେଖିବା କୌଣସି ଅପରାଧ ନୁହେଁ: ଓଡ଼ିଶା ହାଇକୋର୍ଟ



କଟକ,(ଭିଓଭି): ଡାକ୍ତର ଦାମୀ ମେଡ଼ିସିନ ଲେଖିବା କୌଣସି ଅପରାଧ ନୁହେଁ। ଏସବୁ କଲେ ଡାକ୍ତରଙ୍କ ବରୋଧରେ ଫୌଜଦାରୀ ମାମଲା ରୁଜୁ କରାଯାଇପାରିବ ନାହିଁ। ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ଓଡିଶା ହାଇକୋର୍ଟ। ବିଶେଷକରି ଯଦି କୌଣସି ଡାକ୍ତର ଦାମୀ ମେଡିସିନ ଲେଖୁଥିଲେ ,କିମ୍ବା କୌଣସି ମେଡିସିନ କମ୍ପାନୀ ଦ୍ୱାରା ଆୟୋଜିତ ସେମିନାରରେ ଯୋଗ ଦିଅନ୍ତି ତେବେ ତାଙ୍କୁ ଦୋଷୀ କରାଯାଇପାରିବ ନାହିଁ ବୋଲି କୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି। ହାଇକୋର୍ଟର ବିଚାରପତି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏହି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ଏଥି ସହ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ଚିକିତ୍ସା କେନ୍ଦ୍ରର ଡାକ୍ତର ଦମ୍ପତି ପ୍ରଫେସର ଡାକ୍ତର ସୁରେନ୍ଦ୍ରନାଥ ସେନାପତି ଏବଂ ଡାକ୍ତର ଦୀପ୍ତିରାଣୀ ସାମନ୍ତଙ୍କ ବିରୋଧରେ ରୁଜୁ ଭିଜିଲାନ୍ସ ମାମଲାକୁ ମଧ୍ୟ ରଦ୍ଦ କରି ଦେଇଛନ୍ତି କୋର୍ଟ। ୨୦୧୬ ମସିହାରେ ଡାକ୍ତର ଦମ୍ପତ୍ତିଙ୍କ ବିରୋଧରେ ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ ହୋଇଥିଲା। ତେବେ ଭିଜିଲାନ୍ସ ମାମଲାକୁ ଚାଲେଞ୍ଜ କରି ଉଭୟ ଡାକ୍ତର ଦମ୍ପତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ଏହି ମାମଲାର ଶୁଣାଣି କରି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ , ଏହି ମାମଲାରେ କୌଣସି ପ୍ରାଥମିକ ତଦନ୍ତ ବିନା ଆବେଦନକାରୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଯେକୌଣସି ଘଟଣାରେ ପ୍ରାଥମିକ ତଦନ୍ତ କରାଯିବା ବାଧ୍ୟତାମୂଳକ ରହିଛି। ଆବେଦନକାରୀ ଡାକ୍ତର ଦମ୍ପତି ଯେହେତୁ ପ୍ରସିଦ୍ଧ ଡାକ୍ତର ତେଣୁ ସେମାନଙ୍କ କ୍ଷେତ୍ରରେ ବିଶେଷଜ୍ଞଙ୍କ ଦ୍ୱାରା ଅଭିଯୋଗର ପ୍ରାଥମିକ ତଦନ୍ତ କରାଯିବାର ନିହାତି ଆବଶ୍ୟକତା ଥିଲା। ମାତ୍ର ଭିଜିଲାନ୍ସ ପକ୍ଷରୁ ସଠିକ ଢଙ୍ଗରେ ତଦନ୍ତ କରାଯାଇ ନାହିଁ। ମାମଲା ବିବରଣୀରୁ ଜଣା ପଡ଼ିଛି ଯେ , ଉଭୟ ଡାକ୍ତର ଦମ୍ପତ୍ତି ଆଚାର୍ଯ୍ୟ ହରିହର କର୍କଟ ଚିକିତ୍ସା ପ୍ରତିଷ୍ଠାନରେ ଏକ ଫାର୍ମା କମ୍ପାନୀକୁ ଅହେତୁକ ଅନୁକମ୍ପା ଦେଖାଇବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଭିଜିଲାନ୍ସ ପକ୍ଷରୁ ଡାକ୍ତର ଦମ୍ପତିଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଏବଂ ଡାକ୍ତର ସୁରେନ୍ଦ୍ରନାଥ ସେନାପତିଙ୍କୁ ଭିଜିଲାନ୍ସ ଗିରଫ ମଧ୍ୟ କରିଥିଲା। ତେବେ ଡାକ୍ତର ଦାମୀ ମେଡ଼ିସିନ ଲେଖିବା କୌଣସି ଅପରାଧ ନୁହେଁ। କାରଣ ଡାକ୍ତରଙ୍କ କର୍ତ୍ତବ୍ୟ ହେଉଛି ଜଣେ ରୋଗୀଙ୍କୁ ସଠିକ ଚିକିତ୍ସା କରିବା। ସେହିପରି ଜଣେ ଡାକ୍ତର ଚିକିତ୍ସା କରିବା ସମୟରେ କିଏ ଧନୀ ଆଉ କିଏ ଗରିବ ତାକୁ ବିଚାର କରିବା କରିପାରିବ ନାହିଁ। ସମସ୍ତ ରୋଗୀଙ୍କୁ ସବୁଠାରୁ ଭଲ ମେଡିସିନ ଯୋଗାଇଦେବା ରାଜ୍ୟ ସରକାରଙ୍କ ସାମ୍ବିଧାନିକ କର୍ତ୍ତବ୍ୟ ଅଟେ। ଡାକ୍ତର ମାନେ ଯଦି ଏକ ନିର୍ଦ୍ଦିଷ୍ଟ ଔଷଧ ଲେଖନ୍ତି ଏବଂ ଏହା ଦ୍ୱାରା ଯଦି ଫାର୍ମା କମ୍ପାନୀ ଲାଭବାନ ହେଉଛି ସେଥିପାଇଁ ଡାକ୍ତରଙ୍କୁ ଦାୟୀ କରାଯାଇ ପାରିବ ନାହିଁ ବୋଲି କୋର୍ଟ ରାୟ ରେ ସ୍ପଷ୍ଟ କରିଛନ୍ତି। ଏହି କ୍ରମରେ ଡାକ୍ତର ଦମ୍ପତିଙ୍କ ବିରୋଧରେ ରୁଜୁ ଭିଜିଲାନ୍ସ ମାମଲାକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି।

# ରାଜ୍ୟରେ ଗଠିତ ହେଲା ୪୬ଟି ନୂଆ ସିଭିଲ୍ ଜଜ୍ କୋର୍ଟ



ଭୁବନେଶ୍ୱର (ଭିଓଭି): ରାଜ୍ୟରେ ଗଠିତ ହୋଇଛି ୪୬ଟି ନୂଆ ସିଭିଲ୍ ଜଜ୍ କୋର୍ଟ (ଜୁନିୟର ଡିଭିଜନ୍)। ଏହି କୋର୍ଟଗୁଡ଼ିକ ବାଲେଶ୍ୱର ଜିଲ୍ଲାର ବାଲିଆପାଳ, ସିମୁଳିଆ, ସୋର, ବାହାନଗା ଓ ଜଳେଶ୍ୱର, ସମ୍ବଲପୁର ଜିଲ୍ଲାର ରେଙ୍ଗାଲି, ବାମରା, କୁଚିଣ୍ଡା ଓ ଜମନକିରା, ରାୟଗଡ଼ା ଜିଲ୍ଲାର ରାୟଗଡା, ପୁରୀ ଜିଲ୍ଲାର ସତ୍ୟବାଦୀ, କେନ୍ଦୁଝର ଜିଲ୍ଲାର ସହରପଡ଼ା ଓ ହରିଚନ୍ଦନପୁର, ମୟୁରଭଞ୍ଜ ଜିଲ୍ଲାର ବହଳଦା, ରାରୁଆଁ, ବିଶୋଇ ଓ ବାରିପଦା, ଜଗତସିଂହପୁର ଜିଲ୍ଲାର ବାଲିକୁଦା ଓ ନୂଆଗାଁ, ସୁନ୍ଦରଗଡ଼ ଜିଲ୍ଲାର ବାଲିଶଙ୍କରା, ଲେଫ୍ରିପଡ଼ା, ବରଗାଁ ଓ କୁଆଁରମୁଣ୍ଡା, କଟକ ଜିଲ୍ଲାର ବାରଙ୍ଗ ଓ କଣ୍ଠାପଡ଼ା, ସୋନପୁର ଜିଲ୍ଲାର ଉଲୁଣ୍ଡା, ବରଗଡ଼ ଜିଲ୍ଲାର ଭଟଲି, ଝାରସୁଗୁଡ଼ା ଜିଲ୍ଲାର କୋଲାବିରା, ଖୋର୍ଦ୍ଧା ଜିଲ୍ଲାର ବାଣପୁର, କୋରାପୁଟ ଜିଲ୍ଲାର ପଟାଙ୍ଗୀ, ଯାଜପୁର ଜିଲ୍ଲାର ରସୁଲପୁର, କୋରେଇ ଓ ଧର୍ମଶାଳା, କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା, ଗରଦପୁର ଓ ମାର୍ଶାଘାଇ, କନ୍ଧମାଳ ଜିଲ୍ଲାର ଟିକାବାଲି, କେ ନୂଆଗାଁ ଓ ଖଜୁରିଆପଡ଼ା, ଭଦ୍ରକ ଜିଲ୍ଲାର ତିହିଡ଼ି, ମାଲକାନଗିରି ଜିଲ୍ଲାର ଖଇରପୁଟ, ଢେଙ୍କାନାଳ ଜିଲ୍ଲାର ଢେଙ୍କାନାଳ, ବଲାଙ୍ଗୀର ଜିଲ୍ଲାର ପାଟଣାଗଡ଼ ଏବଂ ଗଞ୍ଜାମ ଜିଲ୍ଲାର କୁକୁଡ଼ାଖଣ୍ଡି, ଧରାକୋଟ ଓ ଗଞ୍ଜାମରେ କାର୍ଯ୍ୟକ୍ଷମ ହେବ। ଓଡ଼ିଶା ଉଚ୍ଚ ନ୍ୟାୟାଳୟ ସହିତ ପରାମର୍ଶ କ୍ରମେ ରାଜ୍ୟ ସରକାର ଏହି କୋର୍ଟଗୁଡ଼ିକ ଗଠନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ଦେବା ପରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ତିନୋଟି କୋର୍ଟ ଗଠନ ହେବା ପରେ ଏହି ସବୁ ରାଜସ୍ୱ ତହସିଲ ଉପରେ କ୍ଷେତ୍ରାଧିକାର ଥିବା ଅନ୍ୟ ସମସ୍ତ ଜୁନିୟର ଡିଭିଜନ୍ ସିଭିଲ୍ ଜଜ୍ କୋର୍ଟଗୁଡ଼ିକର ଅଧିକାର ସମାପ୍ତ ହେଲା।

## ମାଲକାନଗିରିର ତତ୍କାଳୀନ ଜିଲାପାଳଙ୍କ ଟଇ ଆତ୍ମହତ୍ୟା ମାମଲା

# ଆଗୁଆ ଜାମିନ ଆବେଦନ ଖାରଜ

କଟକ, (ଭିଓଭି): ମାଲକାନଗିରିର ତତ୍କାଳୀନ ଜିଲାପାଳ ମନିଷ ଅଗ୍ରୱାଲଙ୍କ ଅଡୁଆ ବଢ଼ିଛି। ବ୍ୟକ୍ତିଗତ ସହାୟକ ଆତ୍ମହତ୍ୟା ମାମଲାରେ ତାଙ୍କ ଆଗୁଆ ଜାମିନ ଆବେଦନକୁ ହାଇକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ଏଥିସହ ତାଙ୍କର ଦୁଇ ସହଯୋଗୀ ଭି. ବେଣୁଗୋପାଳ ଓ ପ୍ରକାଶ ଚନ୍ଦ୍ର ସ୍ୱାଇଁଙ୍କ ଆଗୁଆ ଜାମିନ ଆବେଦନ ମଧ୍ୟ ହାଇକୋର୍ଟ ଖାରଜ କରିଦେଇଛନ୍ତି। ହାଇକୋର୍ଟ ବିଚାରପତି ଭି. ନରସିଂହଙ୍କ ଖଣ୍ଡପୀଠ ମାମଲାର ଅନ୍ୟ ଜଣେ ଅଭିଯୁକ୍ତ ଭଗବାନ ପାଣିଗ୍ରାହୀଙ୍କ ଆବେଦନକୁ ଗ୍ରହଣ କରି ୩ ସପ୍ତାହ ମଧ୍ୟରେ ନିମ୍ନ ଅଦାଲତରେ ଆତ୍ମସମର୍ପଣ କରି ଜାମିନ ପାଇଁ ଆବେଦନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ମାଲକାନଗିରିର ତତ୍କାଳୀନ ଜିଲାପାଳ ମନୀଷ ଅଗ୍ରୱାଲଙ୍କ ବ୍ୟକ୍ତିଗତ ସହାୟକ ଭାବେ ଦେବ ନାରାୟଣ ପଣ୍ଡା କାର୍ଯ୍ୟ କରୁଥିଲେ। ୨୦୧୯ ମେ' ୨୭ରେ ସେ ହଠାତ୍ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ଥାନାରେ ଏ ନେଇ ପ୍ରଥମେ ମାମଲା ରୁଜୁ ହୋଇଥିଲା। ଏହାର ୨ଦିନ ପରେ ଦେବ ନାରାୟଣ ପଣ୍ଡାଙ୍କ ମୃତଦେହ ସତୀଗୁଡ଼ା ଡ୍ୟାମ ନିକଟରୁ ମିଳିଥିଲା।

## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

CONTACT
6371417361 voiceofvictimsnews@gmail.com
www.voiceofvictims.co.in
Follow/Like/Subscribe :
Voice Of Victims News

Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
**Editor: Gyana Ranjan Mishra** ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର